

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com



କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୫୬ ● ୨୭ ମାର୍ଚ୍ଚ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-56 ● 27th March 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ପଶ୍ଚିମ ଏସିଆ ସ୍ଥିତି ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଉପଲବ୍ଧତା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୬।୩**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ପଶ୍ଚିମ ଏସିଆରେ ଯୁଦ୍ଧ ପାଇଁ ସୃଷ୍ଟ ସମସ୍ୟା ବିଶେଷ କରି ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଦ୍ରବ୍ୟର କୃତ୍ରିମ ଅଭାବଜନିତ ସମସ୍ୟାର ମୁକାବିଲା ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକ ପରେ ସରକାରଙ୍କ ପକ୍ଷରୁ ସମୀକ୍ଷା ସମ୍ପର୍କରେ ସୂଚନା ଦିଆଯାଇଛି।



ସୂଚନାନୁସାରେ ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲ, ଗ୍ୟାସ୍ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ଅଛି । ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଯେପରି ଅତ୍ୟାବଶ୍ୟକ ଦ୍ରବ୍ୟ ଗୁଡ଼ିକର କଳାବଜାରୀ ନହୁଏ, ସେଥିପ୍ରତି ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟବ୍ୟାପୀ ଚଢ଼ାଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ରବିରତୁ ଚାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏ ସମସ୍ୟା ବିଷୟରେ ରାଜ୍ୟବାସୀ *(ପୃଷ୍ଠା ୭ରେ)*

# ବଡଦାଣ୍ଡରେ ଅଟକିଲା ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ

**ଭୁବନେଶ୍ୱର, ୨୬।୩**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ପବିତ୍ର ଅଶୋକାଷ୍ଟମୀ ଅବସରରେ ଏକାମ୍ର କ୍ଷେତ୍ର ରାଜାଧିରାଜ ପ୍ରଭୁ ଲିଙ୍ଗରାଜଙ୍କ ଭବ୍ୟ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହେଉଛି । ଅପରାହ୍ନ ପ୍ରାୟ ୩.୪୫ରେ ରୁକୁଣା ରଥ ଗଡିଛି । ମହାପ୍ରଭୁଙ୍କ ଭବ୍ୟ ରଥଯାତ୍ରା ପାଇଁ ଏକାମ୍ର କ୍ଷେତ୍ର ଭକ୍ତଙ୍କ ଗହଳ ଚହଳରେ ମୁଖରିତ ହୋଇ ଉଠିଛି । ଏକାମ୍ର କ୍ଷେତ୍ରର ପବିତ୍ର ରଥଦାଣ୍ଡରେ ଗଡିଛି ଅଣଲେଉଟା ରୁକୁଣା ରଥ । ଏଥିପାଇଁ ଆଜିର ନୀତିକାନ୍ତି ଓ ପୂଜାର୍ଚ୍ଚନା ଯଥାରୀତି ଚାଲିଥିଲା । ଭୋର ୪ଟାରୁ ୪ଟା ୩୦ ମଧ୍ୟରେ ଠାକୁରଙ୍କ ମଙ୍ଗଳ ଆଳତି ସମାପନ ହେବା ପରେ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇଥିଲା । ଏହା ପରେ ମହାସ୍ନାନ, ସୂର୍ଯ୍ୟପୂଜା ଓ ଠାକୁରଙ୍କ ବେଶ ନୀତି ଅନୁଷ୍ଠିତ ହୋଇଥିଲା । ସକାଳ ଧୂପ ସହ ଯାତ୍ରା ପୂଜା ନୀତି ପରେ ଶ୍ରୀଜୀଉଙ୍କ ପହଣ୍ଡି ନୀତି ଅନୁଷ୍ଠିତ ହୋଇଥିଲା।

ରଥରେ ପ୍ରଭୁଙ୍କ ବିଜେ ପରେ ଘୋଡା ଲାଗି ନୀତି ସମାପନ ହେବା ପରେ ଚାରମାଳ ଖୋଲାଯାଇଥିଲା । ଏହା ପରେ ଦିନ ପ୍ରାୟ ୩.୪୫ ମିନିଟ୍ ସମୟରେ ରୁକୁଣା ରଥ ଗଡିଥିଲା । ପ୍ରଭୁ ଶ୍ରୀଲିଙ୍ଗରାଜ ମୁଗ ଡାଲି,



ଅନ୍ନ ଖାଇ ରଥକୁ ବିଜେ କରିଥିଲେ । ଭକ୍ତଙ୍କ ଗହଣରେ ଗହଳି ଲଗାଇ ମାଉସୀମାଙ୍କ ଘରେ ପହଞ୍ଚିବେ ଶ୍ରୀ ଲିଙ୍ଗରାଜ । ପ୍ରଭୁଙ୍କ ରଥଯାତ୍ରା ଦେଖିବା ପାଇଁ ଏକାମ୍ର କ୍ଷେତ୍ରକୁ ଧୀରେ ଧୀରେ ଭକ୍ତଙ୍କ ସମାଗମ ବଢିବାରେ ଲାଗିଥିଲା ।

ସନ୍ଧ୍ୟା ସମୟରେ ରୁକୁଣା ରଥ ଟଣା ବନ୍ଦ ହୋଇଥିଲା । ଶୁକ୍ରବାର ଦିନ ୨ଟାରୁ ପୁଣି ଆରମ୍ଭ ହେବ ରଥ ଟଣା । ରୁକୁଣା ରଥ ଟଣା ହେଉଥିବାବେଳେ କାଳବୈଶାଖୀ ବର୍ଷା ହୋଇଥିଲା । ରୁକୁଣା ରଥଟଣାରେ ବାଧକ ସାଜିଥିଲା ବର୍ଷା । ଏହାପରେ ରାସ୍ତାକଡ଼ରେ ରହିଥିବା ବାଇକ୍ ଉପରେ ମାଡ଼ି ଯାଇଥିଲା ଚକ। ଯେଉଁଥିରେ ଅନେକ ବାଇକ କ୍ଷତି ଗ୍ରସ୍ତ ମଧ୍ୟ ହୋଇଥିଲା । ରଥ ଗୋଟିଏ କୋଣରୁ ଚାଲିଯାଇଥିବାରୁ ବାଇକ ଗୁଡ଼ିକ ଉପରେ ମାଡ଼ି ଯାଇଥିଲା । ତେବେ ଭକ୍ତମାନେ ପ୍ରବଳ ବର୍ଷା ସତ୍ତ୍ୱେ ମଧ୍ୟ ରୁକୁଣା ରଥକୁ ଖୁସିରେ ଟାଣୁଥିଲେ।

## ବଢ଼ିବନି ବିଧାୟକଙ୍କ ଦରମା

**ଭୁବନେଶ୍ୱର, ୨୬।୩**
**ନ୍ୟୁଜ୍ ବ୍ୟୁରୋ**

ବର୍ତ୍ତମାନ ପାଇଁ ଆଉ ବିଧାୟକମାନଙ୍କ ବେତନ ବୃଦ୍ଧି ହେବ ନାହିଁ। ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଗୁରୁବାର ବିଧାୟକଙ୍କ ବେତନ ବୃଦ୍ଧି ସଂକ୍ରାନ୍ତ ବିଲ୍ ପ୍ରତ୍ୟାହାର ନେଇ ସମସ୍ତ ବିଧାୟକମାନଙ୍କ ନିକଟକୁ ନୋଟିସ ଜରିଆରେ ଜଣାଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନୋଟିସ ଆଧାରରେ ଏହି ବିଲ୍ ପ୍ରତ୍ୟାହାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଗତ ଅଧିବେଶନ କାଳରେ *(ପୃଷ୍ଠା ୭ରେ)*

## ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କ ନିବେଦନ ସତ୍ତ୍ୱେ ବିରୋଧୀଙ୍କ ହଟ୍ଟଗୋଳ ଜାରୀ

# ସୋମବାର ଯାଏଁ ବିଧାନସଭା ମୁଲତବୀ

**ଭୁବନେଶ୍ୱର, ୨୬।୩**
**ନ୍ୟୁଜ୍ ବ୍ୟୁରୋ**

ଏସ୍‌ସିବି ମେଡ଼ିକାଲରେ ଅଗ୍ନିକାଣ୍ଡ ଜନିତ ରୋଗୀମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିରୋଧୀ ଦଳ ଉଭୟ ବିଜେଡି ଏବଂ କଂଗ୍ରେସ ବିଧାୟକଙ୍କ ନାରାବାଜୀ ପୋଷ୍ଟର ପ୍ରଦର୍ଶନ ଜାରି ରହିବା କାରଣରୁ ଗୁରୁବାର ମଧ୍ୟ ବିଧାନସଭା ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବୈଠକ ଆରମ୍ଭରୁ ବିରୋଧୀ ଦଳର ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଏକାଠି ହୋଇ ଉଚ୍ଚସ୍ୱରରେ ସରକାର ବିରୋଧୀ ସ୍ଲୋଗାନ୍ ଦେଇଥିଲେ। ଅନ୍ୟ ପକ୍ଷରେ ଶାସକ ଦଳର ବିଧାୟକମାନେ



ଏହାର ଜବାବ ଦେବାକୁ ଯାଇ ନିଜନିଜ ସିଟ୍‌ରେ ବସି ବିରୋଧୀଙ୍କ ବିରୋଧରେ ଲେଖାଥିବା ପୋଷ୍ଟର ବ୍ୟାନର ପ୍ରଦର୍ଶନ କରିଥିଲେ। ଏଥିଯୋଗୁଁ ଗୃହରେ ପ୍ରଶ୍ନୋତ୍ତର ହୋଇପାରି ନ ଥିଲା। ମାତ୍ର ୮ ମିନିଟ୍ ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୧.୩୦ ପର୍ଯ୍ୟନ୍ତ ମୁଲତବୀ କରିଥିଲେ।

ଶୂନ୍ୟକାଳରେ ମଧ୍ୟ ଗୃହରେ ଅନୁରୂପ ପରିସ୍ଥିତି ଜାରି ରହିଥିଲା। ବାଚସ୍ପତିଙ୍କ ଅନୁମତିକ୍ରମେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବକ୍ତବ୍ୟ ରଖିଥିଲେ। ବିରୋଧୀ ଦଳ ପକ୍ଷରୁ ଗୃହ ପରିଚାଳନାରେ ବାଧା ସୃଷ୍ଟି କରାଯିବା ଏବଂ ଗୃହକୁ ଚଳାଇ ଦିଆନଯିବା ଭଳି କାର୍ଯ୍ୟ ହେଉଥିବାରୁ ତାହାକୁ ନାପସନ୍ଦ କରି ସେ କହିଥିଲେ ଯେ, ପବିତ୍ର ବିଧାନସଭା ଗୃହରେ ରାଜ୍ୟବାସୀଙ୍କ ଅଭାବ ଅସୁବିଧା ଓ ସମସ୍ୟା ପ୍ରସଙ୍ଗରେ ଚର୍ଚ୍ଚା ଆଲୋଚନା ହୋଇପାରୁନାହିଁ। ଏକଥା ବିରୋଧୀ ବିଧାୟକମାନେ ଭଲଭାବେ ହୃଦୟଙ୍ଗମ କରିବା ଦରକାର। ସାଧାରଣ ଲୋକଙ୍କ ଅର୍ଥ ଖର୍ଚ୍ଚରେ ବିଧାନସଭା ଚାଲୁଛି। ଏହାକୁ ଜାଣିଶୁଣି ଅକାରଣରେ ବନ୍ଦ କରିବା ଠିକ୍ ହେଉନାହିଁ। ବିରୋଧୀ ଦଳର ଯାହାକିଛି କହିବାର ଅଛି କି, *(ପୃଷ୍ଠା ୭ରେ)*

# ଭୟଙ୍କର ସଡକ ଦୁର୍ଘଟଣା : ୧୦ ଯାତ୍ରୀ ଜୀବନ୍ତ ଦଗ୍ଧ



**ଆନ୍ଧ୍ରପ୍ରଦେଶ, ୨୬।୩**

ଆନ୍ଧ୍ର ପ୍ରଦେଶର ମାର୍କପୁରମ ଜିଲ୍ଲାରେ ଗୁରୁବାର ସକାଳେ ଏକ ଭୟାବହ ସଡକ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗତି ଟିପ୍ପର (ଟ୍ରକ) ଓ ଏକ ଘରୋଇ ବସ୍ ମଧ୍ୟରେ ଭୟଙ୍କର ଧକ୍କା ଲାଗିବା ପରେ ଦୁଇଟି ଯାନରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁଃଖଦ ଘଟଣାରେ ୧୦ ଯାତ୍ରୀ ଘଟଣା ସ୍ଥଳରେ ହିଁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହି ଦୁର୍ଘଟଣାରେ ଅନେକ *(ପୃଷ୍ଠା ୭ରେ)*

## ଶୋକ ପ୍ରକାଶ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୬।୩**

ଆନ୍ଧ୍ର ପ୍ରଦେଶର ମାର୍କପୁରମ ଜିଲ୍ଲାରେ ଘଟିଥିବା ଭୟାବହ ସଡକ ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠି (ପିଏମଏନଆରଏଫ) ରୁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ଦେବାକୁ ଘୋଷଣା କରିଛନ୍ତି। *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ମାନବାଧିକାର ଆୟୋଗରେ ଆନ୍ଧ୍ର ପ୍ରଦେଶରେ ୧୬ ଜଣଙ୍କ ମୃତ୍ୟୁ ମାମଲାର ନେଲେ ସଂଜ୍ଞାନ, ରିପୋର୍ଟ ମାଗିଲେ।
- ରାମେଶ୍ୱରମର ସାତ ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କଲା ଶ୍ରୀଲଙ୍କା ନୌସେନା।
- ପଦ୍ମାନଦୀକୁ ଖସିପଡ଼ିଲା ବସ୍, ୨୬ ମୃତ।
- କଟକ ରୋଗୀ ମୃତ୍ୟୁ ପରେ ହସ୍ପିଟାଲରେ ଉତ୍ତେଜନା, ଡାକ୍ତରଙ୍କୁ ଆକ୍ରମଣ।
- ଜଂଗଲରୁ ବାହାରି ମୁଖ୍ୟସ୍ରୋତରେ ସାମିଲ ହେଲେ ୬ ମାଓବାଦୀ

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୮୯ (+୨୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୪୬୫ (+୨୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୦୧୭ (+୧୬)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୬୦ (-୧୦)

# କୃଷ୍ଣ ସାଗରରେ ରୁଷୀୟ ତୈଳ ବୋଝେଇ ତୁର୍କୀ ଟ୍ୟାଙ୍କର ଉପରେ ଆକ୍ରମଣ

**ଅଙ୍କାରା, ୨୬।୩**

ଗୁରୁବାର କୃଷ୍ଣସାଗରରେ ଗଭୀର ଜଳରାଶି ତଳେ ତୁର୍କୀ ଦ୍ୱାରା ପରିଚାଳିତ ଏକ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଛି। ଏକ ମାନବବିହୀନ ସର୍ଫେସ୍ ଯାନ ଦ୍ୱାରା ଏହି ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି ବୋଲି ତୁର୍କୀ ପରିବହନ ମନ୍ତ୍ରୀ ଅବଦୁଲକଦିର ଉରାଲୋଗଲୁ କହିଛନ୍ତି। ଏକ ଟେଲିଭିଜନ ସାକ୍ଷାତକାରରେ ମନ୍ତ୍ରୀ ଅବଦୁଲକଦିର କହିଛନ୍ତି, ତୁର୍କୀ କମ୍ପାନୀ ଦ୍ୱାରା ପରିଚାଳିତ ଏକ ବିଦେଶୀ ଜାହାଜ ଯେଉଁଥିରେ ରୁଷର ଅଶୋଧିତ ତୈଳ ଥିଲା ତା'ର ଇଞ୍ଜିନ ରୁମ୍‌ରେ ନିଆଁ ଲାଗି ଯାଇଛି।

ସେ କହିଛନ୍ତି, ଆମେ ବିଶ୍ୱାସ କରୁଛୁ ଯେ ଆକ୍ରମଣ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ ଇଞ୍ଜିନ ରୁମକୁ ଟାର୍ଗେଟ୍ କରାଯାଇଥିଲା। ତେବେ ଡ୍ରୋନ୍ ଦ୍ୱାରା ଏହି ଆକ୍ରମଣ ପରିଚାଳନା କରାଯାଇନଥିଲା ବରଂ ଏକ ମାନବବିହୀନ ସର୍ଫେସ ଯାନ ଦ୍ୱାରା ଏହି ଆକ୍ରମଣ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

ବୋସଫରସ ପ୍ରଣାଳୀ ଠାରୁ ୩୦ କିମି ଦୂରରେ ଏହି ଆକ୍ରମଣ ହୋଇଛି ବୋଲି ଜଣାପଡ଼ିଛି। ଜାହାଜରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି ଏବଂ ନିର୍ଦ୍ଦିଷ୍ଟ ଭାବେ ଇଞ୍ଜିନ ରୁମକୁ ଟାର୍ଗେଟ୍ କରାଯାଇଛି ଯାହାଦ୍ୱାରା ଜାହାଜକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯାଇପାରିବ। ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି ବୋଲି ମୋଦୀ କହିଛନ୍ତି।

## ଆସିଲା ଅବକାରୀ ନୀତି ୨୦୨୬ – ୨୦୨୯

# ଆଉ ଖୋଲିବନି ନୂଆ ମଦ ଦୋକାନ

**ଭୁବନେଶ୍ୱର, ୨୬।୩**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ନୂଆ ଅବକାରୀନୀତିକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଆଇନ୍ ତଥା ଅବକାରୀମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ବିଧାନସଭାରେ ଏହି ନୀତିର ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଓଡ଼ିଶା ସରକାର ୧ ଏପ୍ରିଲ ୨୦୨୬ ଠାରୁ ୩୧ ମାର୍ଚ୍ଚ ୨୦୨୯ ଅବଧି ନିମନ୍ତେ ଏକ ତ୍ରୈବାର୍ଷିକ ଅବକାରୀ ନୀତି ଘୋଷଣା କରିଛନ୍ତି କିମ୍ବା ନୂତନ ନୀତି ଆସିବା ପର୍ଯ୍ୟନ୍ତ ଏହା ଚାଲୁ ରହିବ ।

ପୂର୍ବ ପ୍ରଚଳିତ ବାର୍ଷିକ ନୀତି ପରିବର୍ତ୍ତେ ତ୍ରୈବାର୍ଷିକ ଅବକାରୀ ନୀତି ରୂପରେଖ ପ୍ରବର୍ତ୍ତନ ମାଧ୍ୟମରେ ସରକାର ଏହି କ୍ଷେତ୍ରରେ ନୀତିରେ ସ୍ଥିରତା ଓ ସ୍ୱଚ୍ଛତା ଆଣିବାକୁ ଉଦ୍ୟମ କରୁଛନ୍ତି, ଏହାସହିତ ଆବଶ୍ୟକ ହେଲେ ଏହାକୁ ପରିବର୍ତ୍ତନ କରିବାର ପ୍ରକ୍ରିୟା ମଧ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ନୀତି ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ହେଉଛି ଅବକାରୀ ଶୁଳ୍କ ଉପରେ ୦.୫% ଡି-ଆଡିକ୍ସନ ସେସ ପ୍ରବର୍ତ୍ତନ । ଏହା ମାଧ୍ୟମରେ ମଦକୁ ଏକ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରାଯାଇଛି । ଏହି ସେସ୍‌ରୁ ଆସୁଥିବା ଆୟ ମଡେଲ ଡି-ଆଡିକ୍ସନ କେନ୍ଦ୍ର ସ୍ଥାପନ ଓ ସୁଦୃଢ଼ କରିବାରେ ବ୍ୟୟ କରାଯିବ।

ବିଭିନ୍ନ ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କ ୧୦% ବଢ଼ାଯିବ ଏବଂ ଲାଇସେନ୍ସ ଶୁଳ୍କ ପ୍ରତି ବର୍ଷ ୧୦ ରୁ ୨୦% ପର୍ଯ୍ୟନ୍ତ ବୃଦ୍ଧିପାଇବ । ଆଇଏମଏଫଏଲ ଓ ଦେଶୀ ମଦ (ସିଏଲ) ଉପରେ ଅବକାରୀ ଶୁଳ୍କ ମଧ୍ୟ ବଢ଼ାଯାଇଛି ।

ଏକ ମୁଖ୍ୟ ସଂରଚନାତ୍ମକ ସଂଶୋଧନ ଭାବେ ମିନିମମ ଗ୍ୟାରେଣ୍ଟି କ୍ୱାଣ୍ଟିଟି (ଏମଜିକ୍ୟୁ) ପ୍ରଣାଳୀରୁ ମିନିମମ ଗ୍ୟାରେଣ୍ଟେଡ ଏକ୍ସାଇଜ ରେଭିନ୍ୟୁ ପ୍ରଣାଳୀକୁ ଆଣାଯାଇଛି । ଏହା ଦ୍ୱାରା ସରକାରୀ ରାଜସ୍ୱ ସୁରକ୍ଷିତ ହେବା ସହିତ ବ୍ୟବସାୟୀମାନଙ୍କୁ କେବଳ ପରିମାଣ ଲକ୍ଷ୍ୟ ପୂରଣ ପାଇଁ ବିକ୍ରି ବଢ଼ାଇବାର ଚାପ ହ୍ରାସ ପାଇବ । ଏହା 'କୁଚିଆ' ବିକ୍ରୟ ପ୍ରଥାକୁ ରୋକିବାରେ ସହାୟକ ହେବ । *(ପୃଷ୍ଠା ୭ରେ)*

## ୧ ଲକ୍ଷ ୩୭ ହଜାର ୧୧୯ ଏକର ସରକାରୀ ଜମି ଜବରଦଖଲ ମୁକ୍ତ

**ଭୁବନେଶ୍ୱର, ୨୬।୩**
**ନ୍ୟୁଜ୍ ବ୍ୟୁରୋ**

ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବାକୁ ଆକ୍ରନ ମୋଡରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ଦୁଇ ବର୍ଷରେ ୨୬ ଜିଲ୍ଲାରେ ୧ ଲକ୍ଷ ୩୭ ହଜାର ୧୧୯ ଏକର ୬୫୩ ଡ଼ିସିମିଲ ସରକାରୀ ଜମି ଜବରଦଖଲ ମୁକ୍ତ କରାଯାଇଛି । କିନ୍ତୁ ଏବେ ବି ୭୪ ହଜାର ୨୩୮ ଏକର ୫୪୨ ଡ଼ିସିମିଲ ସରକାରୀ ଜମି ଜବରଦଖଲରେ ରହିଛି ବୋଲି ଗୁରୁବାର ବିଧାନସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହା କହିଛନ୍ତି।

## ଏକାଳ ପଖାଳ



ନବମୀ ତିଥିରେ ଜନମ ତିଥିରେ
ଆସିଛନ୍ତି ରାମଲଲ୍ଲା
ଜୟଶ୍ରୀରାମ ଜୟଶ୍ରୀରାମ
ଭଜନ କୀର୍ତ୍ତନ ପାଲା
ପ୍ରଭୁ କଳିଯୁଗେ ପାପ ଗେହ୍ଲା
ଅଧର୍ମ ପାପୀଙ୍କୁ ନାଶ କରିବାକୁ
ଅବତରନ୍ତନି ଭଲା।

# କଟକ-ଭୁବନେଶ୍ୱରରେ କାଳବୈଶାଖୀ: କୁଆପଥର ମାଡ଼ ସହ ଘଡ଼ଘଡ଼ି ବର୍ଷା



**ଭୁବନେଶ୍ୱର, ୨୬।୩**
**ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ଅପରାହ୍ନରେ କାଳବୈଶାଖୀର ଉଗ୍ରରୂପ ଦେଖିବାକୁ ମିଳିଛି। କାଳବୈଶାଖୀର ପ୍ରଭାବରେ ଅନେକ ସ୍ଥାନରେ କୁଆପଥର ମାଡ଼ ହୋଇଛି। ସେହିପରି ଘଡ଼ଘଡ଼ି ସହିତ ବଜ୍ରପାତ ମଧ୍ୟ ହୋଇଛି। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଭୁବନେଶ୍ୱର ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ପ୍ରାୟ ୪ଟା ୪୫ ବେଳକୁ ପବନ ବହିବା ଆରମ୍ଭ କରିଥିଲା ଏବଂ ଏହାର ୧୫ ମିନିଟ ପରେ ହଠାତ୍ କାଳବୈଶାଖୀ ତାର କରାଳ ପ୍ରକୋପ ଦେଖାଇଥିଲା। ଭୁବନେଶ୍ୱରବାସୀ ଅପରାହ୍ନରୁ ପ୍ରବଳ ବର୍ଷାର ସମ୍ମୁଖୀନ ହୋଇଥିଲେ। ଥଣ୍ଡା ପବନ ମଧ୍ୟ ବୋହିଥିଲା। ଯାହା ଫଳରେ ଲୋକେ ଗ୍ରୀଷ୍ମ ପ୍ରବାହଜନିତ ଅସହ୍ୟ ଗରମ ପ୍ରଭାବରୁ ଆଶ୍ୱସ୍ତି ପାଇଥିଲେ। ବର୍ଷା ସମୟରେ ପବନର ବେଗ ମଧ୍ୟ ବଢ଼ିଥିଲା। ଯାହାଫଳରେ ସହର ତଳି ବସ୍ତି ଅଞ୍ଚଳରେ ଥିବା ଚାଳଛପର ଘର ପ୍ରଭାବିତ ହୋଇଥିଲା। କେତେକ ସ୍ଥାନରେ ଘର ଓ ଗଛ ଭାଙ୍ଗିବା ସହ ରାସ୍ତାକଡ଼ରେ ଥିବା ବଡ଼ବଡ଼ ହୋର୍ଡିଂଗୁଡ଼ିକ ମଧ୍ୟ କ୍ଷତି ହୋଇଥିଲା। କଟକରେ ମଧ୍ୟ ଗୁରୁବାର ଅପରାହ୍ନରେ କୁଆପଥର ମାଡ଼ ହୋଇଛି। ଏଥି ସହିତ ଘଡ଼ଘଡ଼ି ବର୍ଷା ଏବଂ ବଜ୍ରପାତ ହୋଇଛି। କିଛି ସ୍ଥାନରେ ଚାଳଛପର ଘର ଭାଙ୍ଗିଥିବା ବେଳେ ତଳିଆ ଅଞ୍ଚଳରେ ପାଣି ଭର୍ତ୍ତି ହୋଇଛି।

# ଗ୍ୟାସ ସଙ୍କଟ ନେଇ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ଆଜି

**ନୂଆଦିଲ୍ଲୀ, ୨୬।୩**

ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବରେ ଘାଣ୍ଟି ହେଉଛି ସାରା ବିଶ୍ୱ। ଶୁକ୍ରବାର ମୁଖ୍ୟମନ୍ତ୍ରୀମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଶୁକ୍ରବାର ସନ୍ଧ୍ୟାରେ ଭିଡିଓ କନଫରେନ୍ସିଂରେ ବୈଠକ ବସିବ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଏହାର ପ୍ରଭାବ ନେଇ ଆଲୋଚନା ହେବ। ଟିମ୍ ଇଣ୍ଡିଆ ସ୍ପିରିଟ୍ ନେଇ କାମ କରିବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇପାରନ୍ତି ପ୍ରଧାନମନ୍ତ୍ରୀ।

ବୈଠକରେ ନିର୍ବାଚନ ହେବାକୁ ଥିବା ରାଜ୍ୟ ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଓ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ସାମିଲ ହେବେ ନାହିଁ। ଆଦର୍ଶ ଆଚରଣ ବିଧି ଲାଗିଥିବାରୁ ସେସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ସାମିଲ ହେବେ ନାହିଁ। ନିର୍ବାଚନ ହେବାକୁ ଥିବା ରାଜ୍ୟର ମୁଖ୍ୟ ସଚିବଙ୍କ ବୈଠକ ନେବେ କ୍ୟାବିନେଟ୍ ସଚିବ। ନିକଟରେ ପାର୍ଲାମେଣ୍ଟରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଯୁଦ୍ଧର ପ୍ରଭାବ ଦୀର୍ଘସ୍ଥାୟୀ ହୋଇପାରେ। ଆଗାମୀ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ରୁହନ୍ତୁ।

କରୋନା ଭଳି କେନ୍ଦ୍ର ଓ ରାଜ୍ୟ ଏକାଠି ଟିମ୍ ଇଣ୍ଡିଆ ଭାବେ କାମ କରିବାକୁ ହେବ। ତେଣୁ ଶୁକ୍ରବାର ବୈଠକରେ ମୁଖ୍ୟମନ୍ତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇପାରନ୍ତି ପ୍ରଧାନମନ୍ତ୍ରୀ।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୭ ମାର୍ଚ୍ଚ ୨୦୨୬ ଶୁକ୍ରବାର





# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ରାଉରକେଲା ଗସ୍ତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ଗତ ୨୪ ତାରିଖରେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ରାଉରକେଲା ଗସ୍ତରେ ଆସି ଆଙ୍ଗନବାଡି କେନ୍ଦ୍ର ସହିତ ଛତୁଆ ତିଆରି କେନ୍ଦ୍ର ଗୁଡିକ ପରିଦର୍ଶନ କରିଛନ୍ତି । ଶ୍ରୀ ସାହୁ ପ୍ରଥମେ ପ୍ଲାଣ୍ଟ ସାଇଡ ଆଙ୍ଗନବାଡି କେନ୍ଦ୍ର ବୁଲି ଦେଖିଥିଲେ କୁନି ପିଲାମାନଙ୍କ ସହିତ କଥା ହେବା ସହିତ ବ୍ୟବସ୍ଥାର ତଦାରଖ କରଛନ୍ତି । ଏହା ସହିତ ଆଚାର୍ଯ୍ୟ ହରିହର ବିଦ୍ୟାଳୟର ପରିଦର୍ଶନ କରିଥିଲେ ଏବଂ ମଧ୍ୟାହ୍ନ ଭୋଜନର ମାନକ ଯାଞ୍ଚ କରିଥିଲେ । ଏହା ବ୍ୟତୀତ ଛାତ୍ରଛାତ୍ରୀ, ଶିକ୍ଷକମାନଙ୍କ ସହିତ ଆଲୋଚନା କରିଥିଲେ । ଏହା ସହିତ ଗୁଫୁଟୋଲା ସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ ଓ ପ୍ରସ୍ତୁତି ପ୍ରକ୍ରିୟା ଦେଖିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଆଲୋଚନା କରିଥିଲେ ଏହା ବ୍ୟତୀତ ଅବନୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ରାଉରକେଲା ମହାନଗର ନିଗମର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ପାନପୋଷ ଉପଖଣ୍ଡର ବିଶ୍ରା, କୁଆରମୁଣ୍ଡା ବ୍ଲକ, ଲାଠିକଟା, ନୂଆଗା ବ୍ଲକର ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ତୋଦୟ ଯୋଜନା, ରାସନ କାର୍ଡରେ ନୂତନ ହିତାଧିକାରୀ ସାମିଲ ହେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ସେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ୍ କାର୍ଡରୁ ବାଦ ଦେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅନୁସୂଚିତ ଜାତିଜନଜାତିର ହୋଷ୍ଟଲ ଆକାଂକ୍ଷା, ଅନ୍ୱେଷା ମାନଙ୍କର ବ୍ୟବସ୍ଥା, ବିଭିନ୍ନ ସ୍କୁଲର ଏମ୍‌ଡିଏମ୍ ବ୍ୟବସ୍ଥାର, ଆଙ୍ଗନବାଡି କେନ୍ଦ୍ରର ବ୍ୟବସ୍ଥା ସମୀକ୍ଷା କରିଥିଲେ । ବୈଠକରେ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଅତିରିକ୍ତ ଯୋଗାଣ ଅଧିକାରୀ, ସୁନ୍ଦରଗଡ଼ ସଞ୍ଜୟ ପ୍ରକାଶ ପ୍ରଧାନ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀମାନେ, ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନାରାଣୀ କର୍ଣ୍ଣ, ସହକାରୀ ଯୋଗାଣ ଅଧିକାରୀ, ପାନପୋଷ ସଂଜିତା ପଟ୍ଟନାୟକ, ମିନୁ ତଣ୍ଡିଆ ସହିତ ସିଡିପିଓ ଉପସ୍ଥିତ ଥିଲେ । ଏହି ଅବସରରେ ୪ ଜଣ ହିତାଧିକାରୀମାନଙ୍କୁ ନୂତନ ହ୍ୱିଲ୍ ଚେୟାର ବଣ୍ଟନ କରାଗଲା ।



# ଭେଲିଡ଼େସନ୍ ଏକ୍ଟ ପ୍ରତ୍ୟାହାର ନେଇ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

**ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ**

ବିଲ୍ ପାରିତ ସମୟରେ ଭେଲିଡ଼େସନ୍ ଏକ୍ଟ କେନ୍ଦ୍ର ସରକାର ପାଶ୍ କରିଛନ୍ତି । ଏହି କଳା ଏକ୍ଟ କର୍ମଚାରୀ ଓ ପେନ୍‌ସନ୍ ଭୋଗୀଙ୍କ ଅଧିକାରକୁ କ୍ଷୁର୍ଣ୍ଣ ଓ ସଂକୁଚିତ କରିବା ପାଇଁ ଏକ ଅଗଣିତାନ୍ତିକ ଚକ୍ରାନ୍ତ । ତେଣୁ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ଅବସର ପ୍ରାପ୍ତ କର୍ମଚାରୀମାନେ ଗୁଣୁପୁର କୋର୍ଟ ସମ୍ମୁଖରେ ଥିବା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ସେଠାରେ କେନ୍ଦ୍ର ସରକାରଙ୍କ ଏହି କଳା ଆଇନ୍‌କୁ ପ୍ରତ୍ୟାହାର କରିବା ଦାବି ନେଇ ଅବସରପ୍ରାପ୍ତ କର୍ମଚାରୀମାନେ ନାରା ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣୁପୁର ଉପଜିଲ୍ଲାପାଳଙ୍କ ଜରିଆରେ ଡେପୁଟି କଲେକ୍ଟର ସୁବ୍ରସ୍ମାତ ରାଉତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା ଜଗନ୍ନାଥ ପଟ୍ଟନାୟକ, କୈଳାସ ଦାସ, ରାମ ପଟ୍ଟନାୟକ, ନୀଳମାଧବ ପାଢୀ, ସୁରେଶ ପାଢୀ, ଜଗନ୍ନାଥ ଦାସ, ରାଜେନ୍ଦ୍ର ନାୟକ, ବଲ୍ଲଭ ନାରାୟଣ ଖାଡ଼ଙ୍ଗା ଅନ୍ୟାନ୍ୟ ପ୍ରମୁଖ ଶତାଧିକ କର୍ମଚାରୀ ସାମିଲ୍ ରହିଥିଲେ । ଆଗକୁ ଯଦି କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ତେବେ ବଡଧରଣର ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ।

# ମୟୂରଭଞ୍ଜ ଛଉ ନୃତ୍ୟ ମୋ ଗର୍ବ ଅଭିଯାନର ବ୍ରାଣ୍ଡ୍ ଆମ୍ବାସାଡର୍ ହେଲେ ସ୍ୱରାଜ ବାରିକ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ମୟୂରଭଞ୍ଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅଂଶ ମୟୂରଭଞ୍ଜ ଛଉ ନୃତ୍ୟକୁ ବିଶ୍ୱପଟରେ ପ୍ରତିଷ୍ଠା କରିବା ପାଇଁ ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ, ବାରିପଦା ଦ୍ୱାରା 'ମୟୂରଭଞ୍ଜ ଛଉ ନୃତ୍ୟ ମୋ ଗର୍ବ' ନାମକ ଅଭିଯାନ ଗତ ୨୦୨୫ ଜୁନ୍ ୧୫ ତାରିଖ ଆରମ୍ଭ କରାଯାଇଥିଲା । ଏହି ଅଭିଯାନର ବ୍ରାଣ୍ଡ ଏମ୍ବାସାଡର୍ ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଅଭିନେତା ସ୍ୱରାଜ ବାରିକଙ୍କୁ ମନୋନୀତ କରାଯାଇଛି । ଅମ୍ବିକାସାହି ସ୍ଥିତ ପ୍ରତିଷ୍ଠାନର କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଧୀର କୁମାର ନାୟକଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବ୍ରାଣ୍ଡ ଏମ୍ବାସାଡର୍ ସ୍ୱରାଜ ବାରିକ ପ୍ରମୁଖ ଉପସ୍ଥିତ ରହି ଅଭିଯାନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଏହାର ସଫଳତା କାମନା କରିଥିଲେ । ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତିଷ୍ଠାନର କୋଷାଧ୍ୟକ୍ଷ ସରୋଜ କୁମାର ଶତପଥି ଧନ୍ୟବାଦ୍ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଣବ ଦେବ, ହେମନ୍ତ କୁମାର ନାୟକ, ବିଭୁତିଭୂଷଣ ଦାସ ଓ ଜୟଦେବ ଦାସ ପ୍ରମୁଖ ଉପସ୍ଥିତ ରହି ଛଉ ନୃତ୍ୟର ସଂରକ୍ଷଣ ଓ ପ୍ରଚାର ପାଇଁ ନିଜ ନିଜର ସୁଚିନ୍ତିତ ମତ ଦେଇଥିଲେ । ଏହି ଅଭିଯାନ ଛଉ ନୃତ୍ୟକୁ ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରଚାର କରି ଯୁବପିଢ଼ିକୁ ଆକର୍ଷିତ କରିବ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟଶାଳା, ଅନ୍ତର୍ଜାତୀୟ ପ୍ରଦର୍ଶନୀ ଓ ସାମାଜିକ ମିଡିଆ କ୍ୟାମ୍ପେନ୍ ଯୋଜନାରେ ରହିବ ବୋଲି ସମ୍ପାଦକ ଶ୍ରୀ ନାୟକ ପ୍ରକାଶ କରିଥିଲେ । ଏହି ଅବସରରେ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



# ଖପ୍ରାଖୋଲରେ ଜନଗଣନା ନେଇ ତାଲିମ୍

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡଖ ଖପ୍ରାଖୋଲ ବ୍ଲକ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଜନଗଣନା ସମ୍ପର୍କିତ ତାଲିମ୍ ଶିବିର ଅତିରିକ୍ତ ତହସିଲଦାର ତଥା ଚାର୍ଜ ଅଫିସର ସତ୍ୟ ସୁନ୍ଦର ରାଉତରାୟଙ୍କ ଅଧ୍ୟକ୍ଷତା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ତାଲିମ୍‌ଦାତା ରୂପେ ସତ୍ୟବ୍ରତ ବେହେରା, ପ୍ରଦୀପ କୁମ୍ଭାର, ଅଜିତ ବାରିକ, ସଞ୍ଜୀବ କୁମାର ମେହେର ଯୋଗଦେଇଥିଲେ । ଆଗାମୀ ଅପ୍ରେଲ ୧୫ ରୁ ମଇ ୧୫ ତାରିଖ ମଧ୍ୟରେ ଏକ ମାସ ମଧ୍ୟରେ ଗୃହ ତାଲିକା ଅଭିଯାନ, ଜନ ଗଣନା ଆଦି ଡ଼ିଜିଟାଲ୍ ଭାବରେ ହେବ । ଏହି ତାଲିମ୍ ଶିବିରରେ ଗଣନାକାରି, ତଦାରଖକାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା । ଚାରି ବ୍ୟାଚ୍‌କୁ ଦୁଇଟି ପର୍ଯ୍ୟାୟରେ ତିନିଦିନ ଲେଖାଏଁ ତାଲିମ୍ ପ୍ରଦାନ କରାଯିବ । ବ୍ଲକର ୧୩୩ଟି ରାଜସ୍ୱ ଗାଁରେ ୨୫୬ଜଣ ଗଣନାକାରୀ ଓ ତଦାରଖକାରୀ ଭାବରେ ଶିକ୍ଷକମାନେ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଚାର୍ଜ ଅଫିସର ସତ୍ୟ ସୁନ୍ଦର ରାଉତରାୟ ସୂଚନା ଦେଇଛନ୍ତି ।

# ଜିଲ୍ଲା ସ୍ତରୀୟ ସରଭାଇଭର ନେଟ୍‌ୱର୍କ ବୈଠକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବିଶ୍ୱ ଯୁବ କେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ୍ ଟୁ ଜଷ୍ଟିସ୍ କାର୍ଯ୍ୟକ୍ରମ ମାଧ୍ୟମରେ ମା'ଭୈରବୀ ଲଜ୍‌ରେ ଶିଶୁ ଯୌନ ନିର୍ଯ୍ୟାତନା ଓ ଅପହରଣ, ବାଲ୍ୟ ବିବାହ ଓ ଶିଶୁ ଚାଲାଣରେ ପୀଡିତ ଓ ସେମାନଙ୍କ ଅଭିଭାବକ ମାନଙ୍କୁ ନେଇ ଏକ ସରଭାଇଭର ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ସନ୍ତୋଷିନୀ ଭୋଇ, ଓ୍ୱାନ୍ ଷ୍ଟପ୍ ସେଣ୍ଟରର ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ସୁନଜା ପ୍ରଧାନ, ହରଭଙ୍ଗା ସେକ୍ଟର ସୁପରଭାଇଜର ଜସ୍ମିନ୍ ଦିଗଲ, ଶକ୍ତି ସଦନର ସେଣ୍ଟର ପରିଚାଳିକା ସବିତା ହୋତା ଏବଂ ରାଧାକୃଷ୍ଣ ଆଶ୍ରମର ସମ୍ପାଦକ ନବୀନ ଚନ୍ଦ୍ର ବଘାଲ ପ୍ରମୁଖ ଯୋଗଦାନ କରିଥିଲେ । ବିଶ୍ୱଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର ଯୋଗଦାନ କରି ପ୍ରଥମେ ବୌଦ୍ଧ ଜିଲ୍ଲାରେ ଶିଶୁ ବିବାହ, ଶିଶୁ ଚାଲାଣ ଓ ଯୌନ ନିର୍ଯାତନା ପାଇଁ ସଂଯୋଜିତ କାୟ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ପରେ ପରେ ଅନ୍ୟ ଅତିଥିମାନେ ନିଜ ନିଜ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ପରେ ଶେଷରେ ବିଶ୍ୱ ଯୁବକେନ୍ଦ୍ର ତରଫରୁ ପୀଡିତା ମାନଙ୍କୁ ଉପହାର କୀଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପାଇଟଲ ସଭାପରିଚାଳନା କରିଥିଲେ । ପ୍ରକଳ୍ପ ସହାୟକ ଶ୍ୱେତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସ୍ମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ ସହାୟକ ବନିତା ମନ୍ତ୍ରୀ, ପୁନିଆ ସାହୁ ସହଯୋଗ କରିଥିଲେ ।

# ଉତ୍କଳ ଦିବସକୁ ଆଡ଼ମ୍ବର ସହ ପାଳନ ପାଇଁ ନିଷ୍ପତ୍ତି

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ଅପ୍ରେଲ ୧ ତାରିଖ ଦିନ ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ ନିମନ୍ତେ ବ୍ୟାସନଗର ସ୍ଥିତ ଚିଦାନନ୍ଦ ସେଣ୍ଟରରେ ଉତ୍କଳ ଦିବସ ସମାରୋହ ସମିତି ତରଫରୁ ସମିତିର ସଭାପତି ଡ଼. ଦୁଷ୍ମନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସମ୍ପାଦିକା ବ୍ରଜେଶ୍ୱରୀ ସିଂହ ପୂର୍ବ ବର୍ଷର ବିବରଣୀ, ଆୟ, ବ୍ୟୟ ହିସାବ ସଭାଗୃହରେ ଉପସ୍ଥାପନା କରିଥିଲେ । ସମିତିର ମୁଖ୍ୟ ଉପଦେଷ୍ଟା ଡ଼. ହେମନ୍ତ କୁମାର ସାହୁ, ଚଳିତ ବର୍ଷ ଏହି ଦିବସକୁ ଆଡ଼ମ୍ବର



ସହିତ ପାଳନ କରିବା ପାଇଁ ସୂଚନା ଦେଇଥିଲେ । ଏହି ବୈଠକରେ ମହେଶ୍ୱର ନାୟକ, ଜ୍ଞାନ ରଞ୍ଜନ ରାଉତ, ଅଶୋକ ବୋଷ, ଅଶ୍ୱନୀ କୁମାର ଦାସ, ଅନିନ୍ଦିତା ଦାସ, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ସନ୍ୟାସୀ ବାରିକ, ରଞ୍ଜନ ସାହୁ, ବିବେକା ନନ୍ଦ ଜେନା, ମଦନ କର, ନନ୍ଦ ମହାନ୍ତି, ନିର୍ମଳ ଚନ୍ଦ୍ର ରାଉତ, ଚନ୍ଦ୍ରମଣି ସାମଲ, ଆଲୋକ କୁମାର ଦାଶ, ଚିତ୍ତରଞ୍ଜନ ବଳ, ବିଭୁତି ନାୟକ ଇତ୍ୟାଦି ଯୋଗଦେଇ ଏହି ଦିବସକୁ ମହା ଆଡମ୍ବର ସହ ପାଳନ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ୱପ୍ନର ଅଖଣ୍ଡ ଓଡ଼ିଶା ଗଠନ ଓ ପାରଳା ମହାରାଜା କୃଷ୍ଣଚନ୍ଦ୍ରଙ୍କ ସହ ମୟୁରଭଞ୍ଜ ସହ ମୟୁରଭଞ୍ଜର ପ୍ରାତଃ ସ୍ମରଣୀୟ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନକୁ ସ୍ମରଣ କରିବା । ଏହି ଦିବସ ପାଳନ ପ୍ରତ୍ୟେକ ବର୍ଷ ଭଳି ହେବ । ଏତଦ୍‌ବ୍ୟତୀତ ବିଚ୍ଛିନ୍ନ ଓଡ଼ିଆଙ୍କୁ ଏକ କରିବା ଓ ଭାଷାର ସୁରକ୍ଷା କରିବାକୁ ଶପଥ ନେବାର ଦିବସ ବୋଲି ମତ ପ୍ରକାଶ ପାଇଥିଲା । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଡ଼. କୁମାରବର ଦାସ, ପ୍ରାକ୍ତନ କୁଳପତି ଫକୀର ମୋହନ ବିଶ୍ୱ ବିଦ୍ୟାଳୟ ଏବଂ ମୁଖ୍ୟବକ୍ତା ଭାବେ ଯୋଗଦେବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି । ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ, ସାମ୍ବାଦିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବଣିକ ଅନୁଷ୍ଠାନ, ବୁଦ୍ଧିଜୀବୀମାନେ ବହୁ ସଂଖ୍ୟାରେ ଯୋଗଦେବାପାଇଁ କମିଟିର ସଭାପତି ଓ ସମ୍ପାଦିକା ଅନୁରୋଧ କରିଛନ୍ତି ।

# ଶିଶୁମାନଙ୍କ କୃତ୍ରିମ ଅଙ୍ଗ ଓ ସହାୟକ ଯନ୍ତ୍ର ଆକଳନ ଏବଂ ବିତରଣ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଡି.ଇ.ଆଇ.ସିରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିନରେ ପୂର୍ବରୁ ଚିହ୍ନଟ ବିଶେଷ ଆବଶ୍ୟକତା ସମ୍ପର୍ଣ୍ଣ ଶିଶୁମାନଙ୍କ ନିମନ୍ତେ ଏକ ଦିନିଆ ଆକଳନ ଓ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରର ପ୍ରମୁଖ ଉଦ୍ଦେଶ୍ୟ ଥିଲା ବିଶେଷ ଆବଶ୍ୟକତା ସମ୍ପନ୍ନ ଶିଶୁମାନଙ୍କୁ କୃତ୍ରିମ ଅଙ୍ଗ ଏବଂ ଅନ୍ୟାନ୍ୟ ସହାୟକ ଉପକରଣ ପ୍ରଦାନ ପାଇଁ ଅକଳନ କରିବା ଏବଂ ଏବଂ ଆବଶ୍ୟକ ସ୍ଥଳେ ସଙ୍ଗେ ସଙ୍ଗେ ପ୍ରଦାନ କରିବା ଯାହାକି ସେମାନଙ୍କୁ ଚିକିତ୍ସା ଏବଂ ଦୈନନ୍ଦିନ ଜୀବନ ଶୈଳୀରେ ସହାୟକ ହୋଇପାରିବ ଓ ମୋଟରେ ୬୦ ଜଣ ଶିଶୁ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍ଥିତ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରର ଏକ ବିଶେଷଜ୍ଞ ଦଳ ଦ୍ୱାରା ସମସ୍ତ ଶିଶୁଙ୍କର ସୁଚାରୁ ରୂପେ ଆକଳନ କରାଯାଇଥିଲା । ପ୍ରତ୍ୟେକ ଶିଶୁଙ୍କର ବ୍ୟକ୍ତିଗତ ଆବଶ୍ୟକତା ଅନୁସାରେ ମାପ ଗ୍ରହଣ କରାଯାଇଥିଲା ଏବଂ ସେଥିମଧ୍ୟରୁ ୨୪ ଜଣଙ୍କୁ ତତ୍‌କ୍ଷଣାତ୍ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା । ଅବଶିଷ୍ଟ ଶିଶୁ ମାନଙ୍କୁ ଆବଶ୍ୟକ ଉପକରଣ ପ୍ରସ୍ତୁତି ପରେ ଶୀଘ୍ର ପ୍ରଦାନ କରାଯିବ । ଏହି ଶିବିରରେ ବିଭିନ୍ନ ପ୍ରମୁଖ ଅଧିକାରୀଙ୍କ ଗାରିମାମୟ ଉପସ୍ଥିତି ଦୃଷ୍ଟିଗୋଚର ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ରାଜେନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡଃ ପ୍ରମୋଦ କୁମାର ବାରିକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଡଃ ସରୋଜ କୁମାର ଜେନା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶନୀ, ଡି.ଏସ୍.ଏସ୍.ଓ ମମତା ନାୟକଙ୍କ ସହିତ, ଅତିରିକ୍ତ ଆର୍.ବି.ଏସ୍.କେ ଓ ଆର୍.କେ.ଏସ୍.କେ ପରିଚାଳିକା, ଡି.ଇ.ଆଇ.ସି କର୍ମକର୍ତ୍ତା ବୃନ୍ଦ ଏବଂ ବ୍ଲକ ସ୍ତରୀୟ ଏମ୍.ଏଚ୍.ଟି ଷ୍ଟାଫ୍‌ମାନେ ଉପସ୍ଥିତ ଥିଲେ । ସମସ୍ତଙ୍କ ସକ୍ରିୟ ସହଭାଗିତା ଓ ପର୍ଯ୍ୟବେକ୍ଷଣରେ କାର୍ଯ୍ୟକ୍ରମଟି ସଫଳତାର ସହିତ ସମାପ୍ତ ହୋଇଥିଲା ।

# ଆଧାର ସେବା କେନ୍ଦ୍ରରେ ସେବା ଶୁଳ୍କ ଚାର୍ଟ ପ୍ରଦର୍ଶନ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲାର ଆଧାର ସେବା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ସହ ୦ ରୁ ୫ ବର୍ଷ ବୟସର ଶିଶୁ, ବୃଦ୍ଧ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ଆଧାର ପଞ୍ଜୀକରଣ କାର୍ଯ୍ୟକୁ ସହଜ, ସୁଗମ ଏବଂ ଗତିଶୀଳ କରିବାକୁ ଆଲୋଚନା କରାଯାଇଥିଲା । ଏହା ସହିତ ୫ରୁ ୭ ବର୍ଷ ଓ ୧୫ରୁ ୧୭ ବର୍ଷ ବୟସ ମଧ୍ୟରେ ଥିବା ଶିଶୁ କିଶୋରମାନଙ୍କ ପାଇଁ ବାୟୋମେଟ୍ରିକ୍ ଅପଡେଟ୍ ଓ ଆବଶ୍ୟକ ଡକ୍ୟୁମେଣ୍ଟ ଅପଡେଟ୍ କାର୍ଯ୍ୟକୁ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବା ସହ ଜିଲ୍ଲାର ସମସ୍ତ ଆଧାରସେବା କେନ୍ଦ୍ରରେ ସେବା ଆଧାରିତ ଶୁଳ୍କ ଚାର୍ଟ ପ୍ରଦର୍ଶନ କରିବା ଏବଂ ଆଧାର ପଞ୍ଜୀକରଣ ରଇଜେକ୍ଟ ହୋଇଥିବା ଆପ୍ଲିକେସନ୍ ଗୁଡ଼ିକୁ ଯଥାଶିଘ୍ର ପୁନଃ ପ୍ରସେସ୍ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଇ-ପ୍ରଶାସନ ଅଧିକାରୀ ମସ୍ତରାମ ଛନ୍ଦଙ୍କ ପ୍ରଚେଷ୍ଟାରେ ଆୟୋଜିତ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଡେପୁଟି କଲେକ୍ଟର ସୁମତି ପଣ୍ଡା, ଡିଏସ୍‌ଏସ୍‌ଓ ତାହିର ହୁସେନ, ଜିଲ୍ଲା ଯୋଗାଣ ଅଧିକାରୀ ବିଘ୍ନରାଜ ମହାପାତ୍ର, ୟୁଆଇଡିଏଆଇର ଆଧାର ପରିଚାଳକ ଜ୍ୟୋତି ପ୍ରକାଶ, ଲିଡ୍ ବ୍ୟାଙ୍କ ମ୍ୟାନେଜର ବିଦ୍ୟାନନ୍ଦ ତିରକି, ଜିଲ୍ଲା ପରିଚାଳକ, ଶାରଦା ସିଷ୍ଟମ୍ ପ୍ରାଇଭେଟ୍ ଲିମିଟେଡ଼ ଏବଂ ସହଜ ରିଟେଲ୍ ଲିମିଟେଡ଼ଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଅଧିକାରୀ ସହିତ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶିଶୁ ସୁରକ୍ଷା ଆଇନ୍ ଉପରେ କର୍ମଶାଳା




**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ୍ ହଲ୍‌ରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଶିଶୁ ସୁରକ୍ଷା ଆଇନ୍ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ବାଲେଶ୍ୱର ଜିଲ୍ଲାର ୧୨ ଗୋଟି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ଏବଂ ସହାୟକ ବ୍ଲକ ଶିକ୍ଷା ଅଧିକାରୀମାନେ ଉପସ୍ଥିତ ରହି ତାଲିମ୍ ନେଇଥିଲେ । ଏହି ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ତାଙ୍କ ସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗାହୀର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋସ୍ନା ମହାନ୍ତି, ଶିଶୁ କଲ୍ୟାଣ ସମିତିର ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ୍, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପୂର୍ଣ୍ଣିମା ଦାଶ, ରିସର୍ସ ପର୍ସନ୍ (କିଶୋର ନ୍ୟାୟ ଆଇନ୍) ଲୋପାମୁଦ୍ରା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିବାବେଳେ ପ୍ରଶାନ୍ତ ରାଉତ ମଞ୍ଚ ପରିଚାଳନା କରିଥିଲେ । ଅତିଥିମାନେ ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ୍, କିଶୋର ନ୍ୟାୟ ଆଇନ୍, ବାଲ୍ୟ ବିବାହ ନିଷେଧ ଆଇନ୍, ଶିଶୁ ଶ୍ରମ ନିଷେଧ ଆଇନ୍, ଶିକ୍ଷାର ଅଧିକାର ଆଇନ୍ ଓ ସୂଚନା ପ୍ରଯୁକ୍ତି ଆଇନ୍ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନାରୁ ସୁରକ୍ଷା ଦେବା । ଶିଶୁ ମାନଙ୍କ ମୁହଁରେ ହସ ଫୁଟାଇ ତାଙ୍କର ଉନ୍ନତି ଦିଗରେ କାମନା କରିବା । ବିଭିନ୍ନ ପ୍ରକାର ଅପରାଧରେ ଶିକାର ହେଇଥିବା ଶିଶୁ ମାନଙ୍କୁ କିପରି ନ୍ୟାୟ ପାଇପାରିବେ ସେହି ଦିଗରେ ଏଠାରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ଏବଂ ସହାୟକ ବ୍ଲକ ଶିକ୍ଷା ଅଧିକାରୀମାନେ ଧୈର୍ଯ୍ୟର ସହକାରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ୍ ଗୁଡ଼ିକ ଉପରେ ତାଲିମ୍ ନେଇଥିଲେ । ପରବର୍ତ୍ତୀ ସମୟରେ ସେମାନେ ନିଜ ବ୍ଲକ ଅଧିନସ୍ଥ ସମସ୍ତ ବିଦ୍ୟାଳୟ ଗୁଡ଼ିକର ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଏହି ଆଇନ୍ ଗୁଡ଼ିକ ଉପରେ ସଚେତନତା ସୃଷ୍ଟି କରିବେ ।

# ମେ' ୨୯ରେ ହେବ ଓଟିଇଟି, ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ

**କଟକ, ନ୍ୟୁଜ୍ ବ୍ୟୁରୋ**

ମେ' ୨୯ରେ ଅନୁଷ୍ଠିତ ହେବ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) । ଏ ନେଇ ସୋମବାର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମାଧ୍ୟମିକ ଶିକ୍ଷା ପରିଷଦ ୱେବ୍‌ସାଇଟ୍ www.bseodisha.nic.in ରେ ଯୋଗ୍ୟ ପ୍ରାର୍ଥୀମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ମାର୍ଚ୍ଚ ୨୬ରୁ ଏପ୍ରିଲ ୯ ତାରିଖ ମଧ୍ୟରେ ପ୍ରାର୍ଥୀମାନେ ଫର୍ମ ଫିଲପ୍ କରିପାରିବେ । ମେ' ୧୫ରେ ମିଳିବ ଆଡ୍‌ମିଟ୍ କାର୍ଡ । ଉଭୟ ଇନ୍-ସର୍ଭିସ୍, ନୂଆ ଛାତ୍ରଛାତ୍ରୀ ଆବେଦନ କରିପାରିବେ । ଅନ୍‌ଲାଇନ୍ ପଞ୍ଜୀକରଣ ପାଇଁ ନିର୍ଦ୍ଦେଶାବଳୀ, ପ୍ରାର୍ଥୀଙ୍କ ଯୋଗ୍ୟତା ଏବଂ ଯୋଗ୍ୟତା ମାନଦଣ୍ଡ ସମ୍ବଳିତ ନିର୍ଦ୍ଦେଶାବଳୀ, ପାଠ୍ୟକ୍ରମ ଏବଂ ଜାରି ପ୍ରମାଣପତ୍ର ପାଇଁ ଫର୍ମାଟ୍ (ùIßaþiûAUþ) www.bseodisha.nic.inରେ ଉପଲବ୍ଧ ହେବ । ଅନୟଲାଇନ୍ ପଞ୍ଜୀକରଣ ସମୟରେ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ବ୍ୟକ୍ତିଗତ ତଥ୍ୟ, ଠିକଣା, ଜାତି, ବିଷୟ ଇତ୍ୟାଦି ସୂଚନା ପରବର୍ତ୍ତୀ ପର୍ଯ୍ୟାୟରେ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋର୍ଡ ପକ୍ଷରୁ ଦର୍ଶାଯାଇଛି । ଓଟିଇଟି-୨୦୨୬ ପେପର-୧ ସକାଳ ୯ ଟାରୁ ୧୧ଟା ୩୦ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ, ପେପର-୨ ଅପରାହ୍ନ ୨ ଟାରୁ ୪ଟା ୩୦ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ବିଦେଶୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ସୋଆରେ ଗ୍ରାଜୁଏସନ୍ ଡେ ସମାରୋହ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ(ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପାରାମେଡିକ ପାଠ୍ୟକ୍ରମରେ ଅଧ୍ୟୟନ ସମାପ୍ତ କରିଥିବା ବିଦେଶୀ ଛାତ୍ରଛାତ୍ରୀଙ୍କୁ ବୁଧବାର ଏକ ବିଶେଷ କାର୍ଯ୍ୟକ୍ରମରେ ସ୍ନାତକ ଉପାଧି ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉପାଧି ପ୍ରଦାନ କରି ଡିଗ୍ରୀ ଗ୍ରହଣକାରୀଙ୍କୁ ଶପଥ ପାଠ କରାଇଥିଲେ । ଏଥିରେ ଉପକୁଳପତି ପ୍ରଫେସର ଡାକ୍ତର ନୀତା ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡାକ୍ତର ସଂଘମିତ୍ରା ମିଶ୍ର, ସମ୍ ହସ୍ପିଟାଲ୍‌ର ଅଧୀକ୍ଷକ ପ୍ରଫେସର ଡାକ୍ତର ପୁଷ୍ପରାଜ ସାମନ୍ତସିଂହାର, ଆନ୍ତର୍ଜାତିକ ଆଡ୍‌ମିସନ୍ ତଥା ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ପ୍ରଫେସର ନଚିକେତା ଖମାରୀ ଶର୍ମା ଏବଂ ଅତିରିକ୍ତ ଡିନ୍ ପ୍ରଫେସର ଦେବାହୁତି ମହାପାତ୍ର ଯୋଗଦେଇଥିଲେ । ଦୀପ ପ୍ରଜ୍ୱଳନ ଏବଂ ଜାତୀୟ ସଂଗୀତ ଗାନ ପରେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଦାସ ଗ୍ରାଜୁଏସନ୍ ଡେ ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଏହାପରେ ନିର୍ଦ୍ଦେଶକ ପ୍ରଫେସର ଶର୍ମା ଡିଗ୍ରୀ ପାଇବାକୁ ଥିବା ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରିଥିଲେ । ପରେ କୁଳପତି ପ୍ରଫେସର ନନ୍ଦ ଏହି ଦିନର ଗୁରୁତ୍ୱ ଉପରେ କହିବା ସହିତ ସେମାନଙ୍କର ଭବିଷ୍ୟତ ଜୀବନର ସଫଳତା କାମନା କରିଥିଲେ । ବିଶ୍ୱବିଦ୍ୟାଳୟର ଆଲୁମ୍ନି ନେଟ୍‌ୱର୍କ ସହିତ ଯୋଡିହୋଇ ବିଶ୍ୱବିଦ୍ୟାଳୟ ବା ନିଜ ଆଲ୍‌ମାମେଟର ପାଇଁ 'ଶୁଭେଚ୍ଛାର ରାଜଦୂତ' ସାଜିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ ।

# ଉର୍ଦ୍ଦୁ ଶିକ୍ଷକମାନଙ୍କ ଶିକ୍ଷାଦାନ ଅଭିମୁଖୀକରଣ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ୩ ଦିନିଆ ଉର୍ଦ୍ଦୁ ଶିକ୍ଷକମାନଙ୍କର ଶିକ୍ଷାଦାନ ଅଭିମୁଖୀକରଣ କାର୍ଯ୍ୟକ୍ରମ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଉର୍ଦ୍ଦୁ ଲାଇବ୍ରେରୀରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଭୁବନେଶ୍ୱର ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍.ଆଇ.ଆର୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ କେନ୍ଦ୍ରାପଡା ପୌରଅଧ୍ୟକ୍ଷା ସରିତା ସାହୁ ଏବଂ ଡାଏଟ୍‌ର ଅଧ୍ୟକ୍ଷା ସୁଲୋଚନା ଦେଉରୀ ଏବଂ ଉର୍ଦ୍ଦୁ ଲାଇବ୍ରେରୀର ସଭାପତି ସୟଦ୍ ଅକମଲ୍ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାର ୬ଟି ବ୍ଲକରୁ ପ୍ରାୟ ଶହେରୁ ଉର୍ଦ୍ଦୁ ହାଇସ୍କୁଲ୍, ଉଚ୍ଚ ପ୍ରାଥମିକ, ପ୍ରାଥମିକ ଏବଂ ମଦରେସାର ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇ ଆଧୁନିକରଣ ଶିକ୍ଷା ଉପରେ ପ୍ରଶିକ୍ଷଣ ନେଇଥିଲେ । କାର୍ଯ୍ୟକ୍ରମଟି ତିନିଦିନ ଧରି ଚାଲୁ ରହିବ । ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ଉପସଭାପତି ନଫିସ ମଞ୍ଜର ହସନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଇଦ୍ରାବାଦର ଡଃ. ମିସ୍‌ବା ଅଞ୍ଜର, ତେଲେଙ୍ଗାନାର ଡଃ. ଏମ୍‌ଡି ମୋଇଜ୍, ଝାଡଖଣ୍ଡର ପ୍ରଫେସର ଅହେମଦ୍ ବଦର ଏବଂ ସ୍ଥାନୀୟ ପ୍ରଶିକ୍ଷକ ଭାବେ ମହମ୍ମଦ ଅଜଗର ଅଲ୍ଲୀ ଓ ମହମ୍ମଦ ଫୟାଜୁଦ୍ଦିନ୍ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର ଜେନା, ଅଚ୍ୟୁତି ସାମଲ, ମହମ୍ମଦ ଅକରମ୍ ଖାଁ ପ୍ରମୁଖ ସହଯୋଗ କରିଥିଲେ ।

# ଏସ୍ଇଏମ୍ ପକ୍ଷରୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଫିସ ସମ୍ମୁଖରେ ବିକ୍ଷୋଭ




**କଟକ, ନ୍ୟୁଜ୍ ବ୍ୟୁରୋ**

ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ମହାନଦୀ ବିହାର ସ୍ଥିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଧିନରେ ବିନା ଛୁଟିରେ ସୂଚାରୁ ରୂପେ କାମ କରିଆସୁଥିଲେ ମଧ୍ୟ ଅତ୍ୟନ୍ତ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ସରକାରୀ କର୍ମଚାରୀ ମାନ୍ୟତା କିମ୍ବା ଦୈନିକ ସର୍ବନିମ୍ନ ମଜୁରୀ ପାଇବାରୁ ବଞ୍ଚିତ । ଏସ୍.ଇ.ଏମ୍ ସଂଘର ଜିଲ୍ଲା ସଭାପତି ରାଜକିଶୋର ମଲ୍ଲିକଙ୍କ ପରିଚାଳନାରେ ବିକ୍ଷୋଭ ସଭାରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ ଶ୍ରମିକ ନେତା ପ୍ରିୟଦର୍ଶନ ପାଭେଲ, ମାନଗୋବିନ୍ଦ ପଣ୍ଡା, ଇଶ୍ୱର ସାହୁ ଲଳିତ ମହାପାତ୍ର, ସୁଧୀର ନାୟକ, କର୍ତ୍ତିତ ଖୁଣ୍ଟିଆ, ଧିରେନ୍ଦ୍ର ପଣ୍ଡା ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ସଂଘ ପକ୍ଷରୁ ଦାବି କରାଯାଇଛି ବିଏସ୍.ଇ.ଏମ୍ ମାନଙ୍କୁ ପ୍ରତିମାସ ନିୟମିତ ପାରିଶ୍ରମିକ ପ୍ରଦାନ କରିବା ମେଗା ପ୍ରୋଜେକ୍ଟରେ ଏସ୍.ଇ.ଏମ୍ ମାନଙ୍କୁ ପାଣି ଚଳେଇବା ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିବା, ଡବଲ୍ କାମ ପାଇଁ ଡବଲ୍ ପାରିଶ୍ରମିକ ପ୍ରଦାନ କରିବା, ମେଗା ପ୍ରୋଜେକ୍ଟ ସହିତ ଏସ୍.ଇ.ଏମ୍ ମାନଙ୍କ ବକେୟା ପାରିଶ୍ରମିକ ଅବିଳମ୍ବେ ପ୍ରଦାନ କରିବା, ଖରା ଦିନ ଓ ଅନ୍ୟ ଦିନ ମାନଙ୍କରେ ପାଣି ଚଳେଇବା ସମୟ ପମ୍ପ ହାଉସ୍ ମାନଙ୍କରେ ଲେଖା ଯିବା, ଜେ.ଜେ.ଏମ୍ ଟ୍ରେନିଂ ନେଇଥିବା ଏସ୍.ଇ.ଏମ୍ ମାନଙ୍କୁ ଅବିଳମ୍ବେ ପ୍ରମାଣ ପ୍ରଦାନ କରିବା, ଆକ୍ରୋଶମୂଳକ ଛଟେଇ ବନ୍ଦ କରିବା ସହିତ ରିଜୋଲୁସନ୍ ହୋଇଥିବା ଏସ୍.ଇ.ଏମ୍ ମାନଙ୍କ ପମ୍ପ ଚଳେଇବା ପାଇଁ ନିଯୁକ୍ତି ଦେବା, ଏସ୍ଇଏମ୍ ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ସରକାରୀ କର୍ମଚାରୀର ମାନ୍ୟତା ପର୍ଯ୍ୟନ୍ତ ଦୈନିକ ସର୍ବନିମ୍ନ ମଜୁରି ପ୍ରଦାନ କରିବା, ସ୍ୱାଭାବିକ ମୃତ୍ୟୁ ପାଇଁ ୫ ଲକ୍ଷ ଓ କାମ କରୁଥିବା ସମୟରେ ମୃତ୍ୟୁଜନିତ ସହାୟତା ୧୦ ଲକ୍ଷ ଟଙ୍କା ପ୍ରଦାନ କରିବା, ଛୁଟି ନେବାର ବ୍ୟବସ୍ଥା ସହିତ ବୀମାର ବ୍ୟବସ୍ଥା କରିବା ପ୍ରମୁଖ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡବ୍ଲୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ଦିଆଯାଇଛି ।

# ଏମ୍‌କେସିଜିରେ ପଞ୍ଜିକରଣ ବ୍ୟବସ୍ଥା ନେଇ ରୋଗୀ ଓ ସମ୍ପର୍କୀୟଙ୍କ ହନ୍ତସନ୍ତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ରୋଗୀଙ୍କ ନାମ ପଞ୍ଜିକରଣ ପାଇଁ ଲାଗୁ ହୋଇଥିବା ପୃଥକ୍ ବ୍ୟବସ୍ଥା ଯୋଗୁଁ ଏଠାକୁ ଆସୁଥିବା ହଜାର ହଜାର ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ହନ୍ତସନ୍ତ ହେଉଛନ୍ତି । ଆଉଟ୍‌ଡ଼ୋର୍ ଏବଂ ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ରରେ ପଞ୍ଜିକରଣ ବାଧ୍ୟତାମୂଳକ ରହିଥିବାରୁ ଏହି ୨ଟି ସ୍ଥାନରେ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବାକୁ ପଡୁଛି । ଆଉଟ୍‌ଡ଼ୋର୍ ଏବଂ ଆରଡ଼ିସିରେ ନାମ ପଞ୍ଜିକରଣ ପାଇଁ ୨ଟି ପୃଥକ୍ ସଂସ୍ଥା ଦାୟିତ୍ୱ ନେଇଥିବାରୁ ଏହି ସମସ୍ୟା ଉପୁଜୁଛି । ପରିଚାଳନାଗତ ତ୍ରୁଟି ଯୋଗୁଁ ରୋଗୀ ହଇରାଣ ହେଉଛନ୍ତି । ସୂଚନାଥାଉକି, ଏମ୍‌କେସିଜି ମେଡ଼ିକାଲ୍‌କୁ ଆସୁଥିବା ରୋଗୀ ପ୍ରଥମେ ଆଉଟ୍‌ଡ଼ୋର୍‌କୁ ଯାଇ ୧ ଘଣ୍ଟାରୁ ଅଧିକ ସମୟ ଧାଡ଼ିରେ ଛିଡ଼ା ହେବା ପରେ ଆଉଟ୍‌ଡ଼ୋର୍ ଟିକଟ ପାଉଛନ୍ତି । ଆଉଟ୍‌ଡ଼ୋର୍ ଟିକଟ ପାଇଁ ରୋଗୀ ଉକ୍ତ କାଉଣ୍ଟରରେ ନିଜ ନାମ, ଗ୍ରାମ, ମୋବାଇଲ୍ ନମ୍ବର, ରୋ ଓ ବିଭାଗ ବିଷୟ କହିବାପରେ ତାଙ୍କୁ ଟିକଟ ପ୍ରଦାନ କରାଯାଉଛି । ସେହି ଟିକଟ ଉପରେ ଏକ ସ୍ୱତନ୍ତ୍ର ନମ୍ବର ସୃଷ୍ଟି ହେଉଛି । ସେହି ଟିକଟକୁ ନେଇ ରୋଗୀ ଡାକ୍ତରଙ୍କୁ ପରାମର୍ଶ କରିପାରୁଛନ୍ତି । ଡାକ୍ତରଙ୍କ ପରାମର୍ଶ ପରେ ଅଧିକାଂଶ ରୋଗୀ ରକ୍ତ, ମଳ, ମୂତ୍ର ଭଳି ଅନ୍ୟାନ୍ୟ ପରୀକ୍ଷା ନିରୀକ୍ଷା ପାଇଁ ଆଞ୍ଚଳିକ ରୋଗ ନିନାଦକୁ ନମୁନା ଦେବାକୁ ଯାଉଛନ୍ତି । ହେଲେ ସେଠାରେ ପୁଣି ରୋଗୀଙ୍କୁ ପଞ୍ଜିକରଣ କରିବାକୁ ନିଜର ସମସ୍ତ ତଥ୍ୟ ଦେବାକୁ ପଡୁଛି । ସେଠାରେ ଆଉ ଗୋଟିଏ ସ୍ୱତନ୍ତ୍ର ନମ୍ବର ସୃଷ୍ଟି କରାଯାଉଛି । ଏଥିପାଇଁ ରୋଗୀଙ୍କୁ ପୁଣି ଥରେ ଧାଡ଼ିରେ ଛିଡ଼ା ହେବାକୁ ପଡୁଛି । ରୋଗୀ ଓ ସମ୍ପର୍କୀୟମାନେ ଆଉଟ୍‌ଡ଼ୋର୍‌ରେ ଥରେ ନିଜ ନାମ ପଞ୍ଜିକରଣ କରିବା ପରେ ତାହା ଆରଡ଼ିସି ସମେତ ଅନ୍ୟାନ୍ୟ ତଥ୍ୟ ସଂଗ୍ରହକାରୀ ବିଭାଗରେ ପହଞ୍ଚିଯିବା କଥା । କିନ୍ତୁ ଆରଡ଼ିସିରେ ପଞ୍ଜିକରଣ ଏବଂ ରିପୋର୍ଟ ଅପ୍‌ଲୋଡ୍ ଭଳି କାର୍ଯ୍ୟ ଗୋଟିଏ ଘରୋଇ ସଂସ୍ଥା ନେଇଥିବାରୁ ରୋଗୀଙ୍କୁ ସେଠାରେ ପୁଣିଥରେ ନିଜର ସମସ୍ତ ତଥ୍ୟ ଦେବାକୁ ପଡୁଛି ବୋଲି କୁହାଯାଉଛି । ଆଉଟ୍‌ଡ଼ୋର୍‌ରେ ପଞ୍ଜିକରଣ କାର୍ଯ୍ୟ ଓକାକ୍ ନେଇଥିବା ବେଳେ ଆରଡ଼ିସିରେ ଅନ୍ୟ ଏକ ସଂସ୍ଥା ଦାୟିତ୍ୱରେ ରହିଛି । ଉପରୋକ୍ତ ୨ଟି ସ୍ଥାନରେ ୨ଟି ସଂସ୍ଥା କାର୍ଯ୍ୟ କରୁଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ହନ୍ତସନ୍ତ ହେଉଛନ୍ତି । ଟିକଟ କାଟିବା ଠାରୁ ଆରମ୍ଭ କରି ଡ଼ାକ୍ତରଙ୍କୁ ଦେଖାଇବା, ରକ୍ତ ଓ ମୂତ୍ର ନମୁନା ହାତରେ ଧରି ଆରଡ଼ିସିରେ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେବା ଏବଂ ଶେଷରେ ଔଷଧ ପାଇଁ ନିରାମୟ କେନ୍ଦ୍ରରେ ଧାଡ଼ିରେ ଛିଡ଼ା ହେଉଥିବାରୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ଅସୁବିଧାରେ ପଡୁଛନ୍ତି । ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଅନେକ ରୋଗୀ ସମ୍ପର୍କୀୟ ଦାବି କରିଛନ୍ତି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ମାର୍ଚ୍ଚ ୨୦୨୬ ଶୁକ୍ରବାର








# ଶତାଧିକ ଗାଡ଼ି ଚାଳକଙ୍କୁ ସାବାଡ଼ କଲା ପରିବହନ ବିଭାଗ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୧୦୦ ଜଣ ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ଼ କରିବା ପାଇଁ ଯୋଗଧାରୀ ବସ୍‌ଷ୍ଟାଣ୍ଡ, ଜଗତସିଂହପୁର ଟାଉନ୍, ମଙ୍ଗଳପୁର ଏବଂ ରଘୁନାଥପୁରରେ ଅମାନିଆ ଗାଡ଼ି ଚାଳକଙ୍କୁ ଅନୁବନ୍ଧିତ ବିଜ୍ଞପ୍ତି ସତ୍ତ୍ୱେ ଅବମାନନା କରିଥିବାରୁ ଚାଲାଣ କଟାଯାଇଛି । ସେଥିମଧ୍ୟରୁ ବିନା ହେଲ୍‌ମେଟ୍ ୭୫ ଜଣ, ଦ୍ରୁତଗତିରେ ଗାଡ଼ି ଚାଳକ ୧୯ ଜଣ ମୋବାଇଲ୍ ଫୋନ୍ ବ୍ୟବହାର ୨ଜଣ ସମ୍ପୃକ୍ତ।ଏହା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ ଜାରି ରହିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ସୂଚନା ଦେବା ସହ ଅମାନିଆ ଗାଡ଼ି ଚାଳକଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ପ୍ରତିକ୍ରିୟା ପ୍ରକାଶ କରି, ଜନସାଧାରଣ ସଚେତନ ରହି ଦୁର୍ଘଟଣା କମାଇବା ପାଇଁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏଥିରେ ମୋଟର ଯାନ ନିରୀକ୍ଷକ ପ୍ରତାପ କୁମାର ବେହେରାଙ୍କ ସହିତ କନିଷ୍ଠ ମୋଟରଯାନ ନିରୀକ୍ଷକ ମନୋରମା ମାଝୀ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀ ମାନେ ଯାଞ୍ଚ ସମୟରେ ସହଯୋଗ କରିଥିଲେ।

# ସକାଳେ ବରଗଡ଼ରୁ ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନ୍ ଚଳାଚଳ କିମ୍ବା ସମ୍ବଲପୁର ଟ୍ରେନ୍‌କୁ ବରଗଡ଼ ସମ୍ପ୍ରସାରଣ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଓଡ଼ିଶାରେ ରେଳ ବିକାଶ ନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଲେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ। ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ରେଳ ସଂଯୋଗୀକରଣ, ଟ୍ରେନ୍ ନିୟମିତକରଣ, ରହଣି, ଭିତ୍ତିଭୂମି ବିକାଶ ଏବଂ ଯାତ୍ରୀ ସୁବିଧା ପାଇଁ ଜରୁରୀକାଳୀନ ହସ୍ତକ୍ଷେପ ପାଇଁ ଚିଠି ଲେଖିଛନ୍ତି । ବରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାରେ କେତେକ ଗୁରୁତ୍ୱପୂର୍ଣ୍ଣ ରେଳ ସମସ୍ୟା ରହିଛି, ଯାହା ଯାତ୍ରୀଙ୍କ ସୁବିଧା ଏବଂ ଆଞ୍ଚଳିକ ବିକାଶ ପାଇଁ ତୁରନ୍ତ ସମାଧାନ ଆବଶ୍ୟକ। ଇସ୍ପାତ ଏକ୍ସପ୍ରେସ୍‌ର କ୍ରମାଗତ ବିଳମ୍ବ ହେଉଛି । ୧୨୮୭୧/୧୨୮୭୨ ଇସ୍ପାତ ଏକ୍ସପ୍ରେସ (କଣ୍ଟାବାଞ୍ଜି-ହାୱଡ଼ା) ୭-୮ ଘଣ୍ଟା ବିଳମ୍ବରେ ଚାଲୁଥିବାରୁ ପଶ୍ଚିମ ଓଡ଼ିଶାର ଛାତ୍ର, ରୋଗୀ ଓ ବ୍ୟବସାୟୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି। ଏହାର ସମୟାନୁବର୍ତ୍ତିତା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସେ କହିଛନ୍ତି। ବ୍ରଜରାଜନଗରର ଏକ ପ୍ରମୁଖ ଶିଳ୍ପାଞ୍ଚଳ,ଏମ୍‌ସିଏଲ୍,ଏନ୍‌ଟିପିସି ଓ ଓରିଏଣ୍ଟ ପେପର ମିଲ୍ସ ଭଳି ଶିଳ୍ପାନୁଷ୍ଠାନ ରହିଛି । ଏହି ଅଞ୍ଚଳରୁ ରେଳବାଇ ବାର୍ଷିକ ୪୨୦୦ କୋଟିରୁ ଅଧିକ ଟଙ୍କା କୋଇଲା ପରିବହନରୁ ପାଉଥିଲେ ସୁଦ୍ଧା ଏଠାରେ ଯାତ୍ରୀ ସୁବିଧା ଅତ୍ୟନ୍ତ ନଗଣ୍ୟ ବୋଲି କହିଛନ୍ତି ପ୍ରଦୀପ ପୁରୋହିତ। ବ୍ରଜରାଜନଗରରେ ଟାଟା-ବିଲାସପୁର ଏକ୍ସପ୍ରେସ୍‌ର ରହଣି ପୁନଃ ପ୍ରଚଳନ କରାଯାଉ। ଆଜାଦ୍ ହିନ୍ଦ୍,



ସିକନ୍ଦରାବାଦ-ଦରଭଙ୍ଗା, ହାଇଦ୍ରାବାଦ-ରକ୍ସାଉଲ, ପୁରୀ-ବିକାନେର ଏବଂ ପୁରୀ-ଭାଲସାଡ ଏକ୍ସପ୍ରେସ୍‌ର ରହଣି ପାଇଁ ସେ ଅନୁରୋଧ କରିଛନ୍ତି । ବିଲାସପୁର-ପୁରୀ ମଧ୍ୟରେ ଏକ ନୂତନ ଟ୍ରେନ୍ ପ୍ରଚଳନ କରିବାକୁ ଦାବି କରିଛନ୍ତି ବରଗଡ଼ ସାଂସଦ । ଗୋଣ୍ଡୱାନା ଏକ୍ସପ୍ରେସ୍‌କୁ ସମ୍ବଲପୁର ପର୍ଯ୍ୟନ୍ତ ଏବଂ ଜନ ଶତାବ୍ଦୀ ଏକ୍ସପ୍ରେସ୍‌କୁ ଝାରସୁଗୁଡ଼ା ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ସେ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି । ଝାରସୁଗୁଡ଼ା-ହାଟିଆ ପ୍ୟାସେଞ୍ଜରକୁ ରାୟଗଡ଼ ପର୍ଯ୍ୟନ୍ତ ବଢ଼ାଯାଉ। ହୀରାକୁଦ ଏକ୍ସପ୍ରେସ୍ ସପ୍ତାହକୁ ୩ ଦିନ ପରିବର୍ତ୍ତେ ପ୍ରତିଦିନ ଚଲାଯାଉ। ସେହିଭଳି ବ୍ରଜରାଜନଗରରେ ଶୌଚାଳୟ ନିର୍ମାଣ, କୋଚ୍ ଲୋକେଟର ଏବଂ ଉନ୍ନତ ଆଲୋକ ବ୍ୟବସ୍ଥା ପାଇଁ ଦାବି ହୋଇଛି। ବେଲପାହାଡ଼ ଷ୍ଟେସନ୍‌କୁ 'ଅମୃତ ଭାରତ ଷ୍ଟେସନ୍' ଯୋଜନାରେ ତ୍ୱରାନ୍ୱିତ କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି । ସେହିଭଳି ବରଗଡ଼-ନୂଆପଡ଼ା ରେଳ ଲାଇନ୍ ପଶ୍ଚିମ ଓଡ଼ିଶା ଓ କେବିକେ ଅଞ୍ଚଳର ବିକାଶ ପାଇଁ ଏହି ପ୍ରକଳ୍ପକୁ ପ୍ରାଥମିକତା ଭିତ୍ତିରେ ଶେଷ କରିବାକୁ କେନ୍ଦ୍ର ରେଳମନ୍ତ୍ରୀଙ୍କ ଆଗରେ ଦାବି କରିଛନ୍ତି ବରଗଡ଼ ସାଂସଦ ।

## ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

# ମର୍ଣ୍ଣିଂୱାକ୍ ଯାଇଥିବାବେଳେ ନେଇଗଲେ ୧ କେଜି ସୁନା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ସହରର ପ୍ରେମନଗର ଅଞ୍ଚଳରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରୁ ବଡ ଧରଣର ଚୋରି ହୋଇଛି । ବ୍ୟବସାୟୀ ଜଣଙ୍କ ମର୍ଣ୍ଣିଂୱାକ୍‌ରେ ଯାଇଥିବା ବେଳେ ଚୋରମାନେ ତାଙ୍କ ଘରେ ପଶି ପ୍ରାୟ ୧ କେଜି ଓଜନର ସୁନା ଅଳଙ୍କାର ଏବଂ ନଗଦ ଲକ୍ଷାଧିକ ଟଙ୍କା ଚୋରି କରି ନେଇଯାଇଛନ୍ତି । ଖବରପାଇ ବଡବଜାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି । ସୂଚନାପ୍ରକାରେ, ପ୍ରେମନଗର ୭ମ ଲାଇନ୍‌ରେ ରାଜକମଲ ଏଜେନ୍ସିର ମାଲିକ ପି. ରାଜପ୍ରଭାକର ରାଓ ନିଜ ପରିବାର ସହ ରହୁଛନ୍ତି । କିଛି ଦିନ ହେବ ପରିବାର ଲୋକେ ବାହାରକୁ ଚାଲିଯାଇଥିବା ବେଳେ ପ୍ରଭାକର ଏକୁଟିଆ ରହୁଥିଲେ । ସବୁଦିନ ଭୋରୁ ସେ ମର୍ଣ୍ଣିଂୱାକ୍ କରିବାକୁ ଯାଉଥିଲେ । ସବୁଦିନ ପରି ଭୋରୁ ଉଠି ଘରେ ତାଲା ପକାଇ ମର୍ଣ୍ଣିଂୱାକ୍ କରିବାକୁ ଯାଇଥିଲେ । ସେଠାରୁ ଫେରିବା ପରେ ଚାବି ଦ୍ୱାରା ତାଲା ଖୋଲିବାକୁ ଚେଷ୍ଟା କରିଥିଲେ । ହେଲେ ତାଲା ଖୋଲିନଥିଲା । ଯାଞ୍ଚ ପରେ ତାଙ୍କ ଘରର ମୁଖ୍ୟ ଫାଟକରେ ଅନ୍ୟ ଏକ ତାଲା ପଡିଥିବା ସେ ଦେଖିଥିଲେ । ସନ୍ଦେହ ହେବାରୁ ପ୍ରଭାକର ସେହି ତାଲାକୁ ଭାଙ୍ଗି ଘର ଭିତରକୁ ପଶିଥିଲେ । ସେତେବେଳେ ଘରେ ଭିତରେ ଥିବା ୨ଟି ଆଲମୀରା ଭାଙ୍ଗା ଯାଇଥିବା ବେଳେ ଆସବାବପତ୍ର ଏଣେତେଣେ ପଡିଥିଲା । ଆଲମୀରା ଭିତରେ ଥିବା ପ୍ରାୟ ୧ କେଜି ଓଜନର ସୁନା ଅଳଙ୍କାର ଏବଂ ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ଚୋରି ହୋଇଯାଇଥିବା ଜଣାପଡିଥିଲା । ପ୍ରଭାକର ପୋଲିସକୁ ଫୋନ୍ କରି ଜଣାଇବା ପରେ ବଡବଜାର ପୋଲିସ ତାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଚୋରି ହୋଇଥିବା ସୁନାର ମୂଲ୍ୟ ୧ କୋଟିରୁ ଅଧିକ ଟଙ୍କା ହେବ ବୋଲି ପ୍ରଭାକର କହିଛନ୍ତି ।

# ଝଡ଼ ବର୍ଷାରେ ରେଳବାଇ ଗଳିପୋଲ ଜଳମଗ୍ନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ରୋଡ଼ କେନ୍ଦୁଝର ରେଳ ଷ୍ଟେସନ୍ ନିକଟସ୍ଥ ଗୋପବନ୍ଧୁ ଛକରେ ଥିବା ରେଲୱେ ଗଳି ପୋଲ ନିର୍ମାଣରେ ତ୍ରୁଟି ଯୋଗୁଁ ଘୂର୍ଣ୍ଣିଝଡ଼ ବର୍ଷାରେ ଗଳିପୋଲଟି ସମ୍ପୂର୍ଣ୍ଣ ବୁଡ଼ିଯାଇଥିବାରୁ ସହରର ଜନସାଧାରଣଙ୍କ ଯାତାୟାତରେ ବାଧାପ୍ରାପ୍ତ ହେଉଛି । ଏହି ଗଳି ପୋଲ ନିର୍ମାଣ ପାଇଁ ୫ କୋଟି ୧୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । କିନ୍ତୁ ରେଳ ବିଭାଗର ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ନିର୍ମାଣରେ ନିମ୍ନମାନର କାର୍ଯ୍ୟ କରାଯାଇଛି । ଫଳରେ ଗଳିପୋଲ ନର୍ଦ୍ଦମା ପାଣି ଲହରୀ ଭାଙ୍ଗୁଛି । ସହରବାସୀ ଓ ପଥଚାରି ଯାତାୟାତରେ ବାଧକ ସାଜିବା ସଂଗେ ଦୁର୍ଘଟଣା ଗ୍ରସ୍ତ



ହେଉଛନ୍ତି । ଏହି ପୋଲ ନିର୍ମାଣ ତ୍ରୁଟି ପାଇଁ ଯାଜପୁରରୋଡ଼ ଏଡିଏନ୍‌କୁ ଏହି କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଦାୟୀ କରାଯାଇଛି । ଏନେଇ କୋରାଇ ସଂଗ୍ରାମ ସମ୍ମିତିର ସଭାପତି ବିଦ୍ୟାଧର ମହାନ୍ତି, ସମ୍ପାଦକ ଅଭିମନ୍ୟୁ ମିଶ୍ର, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବୋଇତେଇ ଓ ଅନ୍ୟସଭ୍ୟ ମାନେ ଦାବି କରିଛନ୍ତି। ବୁଧବାର ଅପରାହ୍ନରେ ବ୍ୟାସନଗର ସହରରେ କାଳ ବୈଶାଖୀ ପବନ ସାଙ୍ଗକୁ ପ୍ରବଳ ବର୍ଷା ହୋଇଥିଲା । ବର୍ଷାର ପ୍ରଭାବ ଖୁବ୍ ଜୋର୍‌ରେ ଥିଲା । ଦୀର୍ଘ ଦୁଇଘଣ୍ଟା ବର୍ଷାରେ ସହରର ଜୀବନ ରେଖା କୁହାଯାଉଥିବା ଗୋପବନ୍ଧୁ ଛକ ନିକଟ ରେଳବାଇ ଗଳିପୋଲ ମଧ୍ୟରେ ଚାରିପଟୁ ବର୍ଷା ଜଳ ପ୍ରବେଶ କରିଥିଲା । ଯାହାଫଳରେ ଗଳିପୋଲଟି ସମ୍ପୂର୍ଣ୍ଣ ବୁଡ଼ି ରହି ଉଭୟ ପଟର ଯାତାୟାତ ଠପ୍ ହୋଇଥିଲା । ଖବରପାଇ ରେଳବିଭାଗ କର୍ମଚାରୀ ଉକ୍ତ ଗଳିପୋଲ ରାସ୍ତାକୁ ବାଉଁଶ ବାନ୍ଧି ଓ ପୋଲିସ ସାଇନ୍ ବୋର୍ଡ ରଖି ଯାତାୟାତ ବନ୍ଦ ରଖିଛନ୍ତି । ଗଳିପୋଲ ନିର୍ମାଣ ପୂର୍ବରୁ ତାର ବିଭିନ୍ନ ଦିଗକୁ ତର୍ଜମା କରାଯାଇନଥିବା ଓ ତ୍ରୁଟିପୂର୍ଣ୍ଣ ଭାବେ ଏହା ନିର୍ମାଣ ହୋଇଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ସହରବାସୀ ଅଭିଯୋଗ କରିଆସୁଛନ୍ତି । ଗଳିପୋଲ ମଧ୍ୟରୁ ଜଳନିଷ୍କାସନ ବ୍ୟବସ୍ଥା ଠିକ୍ ଭାବରେ କରାଯାଇନଥିବାରୁ ବାରମ୍ବାର ଏଭଳି ସମସ୍ୟା ସୃଷ୍ଟି ହେଉଥିବା ବୁଦ୍ଧିଜୀବୀ କହିଛନ୍ତି।

# ଏପ୍ରିଲ ୨ ସୁଦ୍ଧା ମାଟ୍ରିକ୍ ପରୀକ୍ଷା ଖାତା ଦେଖା ପ୍ରକ୍ରିୟା ଶେଷ ସମ୍ଭାବନା:ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ରେଜଲ୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଏପ୍ରିଲ ୨ ତାରିଖରେ ମାଟ୍ରିକ୍ ଖାତା ଦେଖା ପ୍ରକ୍ରିୟା ଶେଷ ହେବା ନେଇ ବୋର୍ଡ ପକ୍ଷରୁ ସମ୍ଭାବନା ଦିଆଯାଇଛି । ଓଏମ୍‌ଆର୍ ସିଟ୍ ଖାତା ଦେଖା ପ୍ରକ୍ରିୟା ଶେଷ ହେବା ପରେ ମାର୍କ ଅପଲୋଡ଼ କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ସବ୍‌ଜେକ୍ଟିଭ୍ ପରୀକ୍ଷା ଖାତା ଦେଖା ପ୍ରକ୍ରିୟା ଶେଷ ହେବା ପରେ ଫଳାଫଳ ପ୍ରକାଶ ହେବାର ସମ୍ଭାବନା ରହିଛି । ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି । ଚଳିତବର୍ଷ ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ପ୍ରକ୍ରିୟା ଚାଲୁ ରହିଛି । ୧୨ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଖାତା ଦେଖା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସଠିକ୍ ଭାବେ ମୂଲ୍ୟାୟନ କରିବା ପାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୋର୍ଡ ପରାମର୍ଶ ଦେଇଛି । ମୂଲ୍ୟାୟନରେ କୌଣସି ସମସ୍ୟା ସୃଷ୍ଟି ନହେବା ପାଇଁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବୋର୍ଡ ପକ୍ଷରୁ ଚିଠି ଲେଖା ଯାଇଛି । ସେହିପରି ମୂଲ୍ୟାୟନ କେନ୍ଦ୍ରରେ ତ୍ରୁଟି ବିଚ୍ୟୁତି ନହେବା ପାଇଁ ସଜାଗ ରହିବାକୁ ସମସ୍ତ ଜିଲ୍ଲାପାଳ, ଏସ୍‌ପି ମାନଙ୍କୁ ଲିଖିତ ଆକାରରେ ବୋର୍ଡ ଅବଗତ କରିଛି । ତେବେ ଏପ୍ରିଲ ୨ ତାରିଖ ମଧ୍ୟରେ ଖାତା ଦେଖା ପ୍ରକ୍ରିୟା ଶେଷ ହେବା ପରେ ମେ' ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ରେଜଲ୍ଟ ପ୍ରକାଶ ପାଇବ ବୋଲି କହିଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ।

# ସୁସ୍ଥାୟୀ ଜୈବ-ଆର୍ଥିକତା ପାଇଁ ସୂକ୍ଷ୍ମଜୀବ ବିଜ୍ଞାନର ସାମ୍ପ୍ରତିକ ଉନ୍ନତି ନେଇ ଚର୍ଚ୍ଚା

**ବାଲେଶ୍ୱର, ନ୍ୟୁଜ୍**

ସୁସ୍ଥାୟୀ ଜୈବ-ଆର୍ଥିକତା ପାଇଁ ସୂକ୍ଷ୍ମଜୀବ ବିଜ୍ଞାନର ସାମ୍ପ୍ରତିକ ଉନ୍ନତି ବିଷୟକ ଆନ୍ତର୍ଜାତୀୟ ସମ୍ମିଳନୀ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟନୀ ଅଧିବେଶନ ସହିତ ଆରମ୍ଭ ହୋଇଛି। ଏହି ସମ୍ମିଳନୀଟି ଆପ୍ଲାଏଡ୍ ମାଇକ୍ରୋବାୟୋଲୋଜି ବିଭାଗ ତଥା ଇଣ୍ଟରନ୍ୟାସନାଲ୍ ୟଙ୍ଗ ଏକାଡେମୀ ସାଇନ୍ସ ଓ ଅନୁସନ୍ଧାନ ନ୍ୟାସନାଲ୍ ରିସର୍ଚ୍ଚ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଆୟୋଜିତ ହୋଇଛି। ଏଥିରେ ଦେଶ ବିଦେଶର ଅନେକ ବିଶିଷ୍ଟ ବୈଜ୍ଞାନିକ, ଶିକ୍ଷାବିତ୍ ଓ ଗବେଷକମାନେ ସମାଗମ ହୋଇ ସୁସ୍ଥାୟୀ ଜୈବ-ଆର୍ଥିକତା ଗଠନରେ ସୂକ୍ଷ୍ମଜୀବ ବିଜ୍ଞାନର ପରିବର୍ତ୍ତନଶୀଳ ଭୂମିକା ଉପରେ ଚର୍ଚ୍ଚା କରିଛନ୍ତି। ଅଧ୍ୟକ୍ଷୀୟ ଉଦ୍‌ବୋଧନରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ବୈଦିକ ସୂକ୍ଷ୍ମଜୀବ ବିଜ୍ଞାନର ପ୍ରାସଙ୍ଗିକତା ଓ ଭାରତୀୟ ଜ୍ଞାନ ପଦ୍ଧତିକୁ ଆଧୁନିକ ବୈଜ୍ଞାନିକ ପ୍ରୟୋଗ ସହିତ ସମନ୍ୱୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ପ୍ରକୃତି ସହିତ ସମନ୍ୱୟରେ ସୁସ୍ଥ ଜୀବନ ଯାପନ ଦ୍ୱାରା ଦୃଢ଼ ପ୍ରତିରୋଧକ ଶକ୍ତି ଗଠନର ଆବଶ୍ୟକତାକୁ ଉଲ୍ଲେଖ କରି, ପର୍ଯ୍ୟବେକ୍ଷଣ, ଅନୁଭବ ଓ ପରୀକ୍ଷାଭିତ୍ତିକ ଗବେଷଣାର ଗୁରୁତ୍ୱକୁ ଆଲୋକିତ କରିଥିଲେ। ଏଥିସହ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସୂକ୍ଷ୍ମଜୀବ ବିଜ୍ଞାନ ଗବେଷଣାର ଉନ୍ନତି ପାଇଁ ବିଭିନ୍ନ ବିଷୟର ସମନ୍ୱିତ ସହଯୋଗର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଡ଼କ୍ଟର କ୍ଷୀରୋଦ କୁମାର ଜେନା (ପୂର୍ବତନ ପ୍ରଧାନ ବୈଜ୍ଞାନିକ, ଆନ୍ତର୍ଜାତୀୟ





ଧାନ ଗବେଷଣା ସଂସ୍ଥା, ମନିଲା, ଫିଲିପାଇନସ୍) ଯୋଗଦେଇ, ସୂକ୍ଷ୍ମଜୀବ ବିଜ୍ଞାନର ମୌଳିକ ଓ ପ୍ରୟୋଗମୂଳକ ପ୍ରାସଙ୍ଗିକତା ଉପରେ ଆଲୋଚନା କରି କୃଷି ଓ ବିଶ୍ୱ ଖାଦ୍ୟ ସୁରକ୍ଷାରେ ଏହାର ପ୍ରଭାବକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ତାଙ୍କ ଉଦ୍‌ବୋଧନରେ ଭାରତୀୟ ପାରମ୍ପରିକ ପଦ୍ଧତି ସୁସ୍ଥାୟୀ ଜୈବ-ଆର୍ଥିକତା ଗଠନରେ କେମିତି ମୂଳ ଭୂମିକା ନିର୍ବାହ କରେ ତାହା ଉଲ୍ଲେଖ କରି, ପରିବେଶୀୟ ସମତା ରକ୍ଷା ଓ ସ୍ଥାୟୀ ଭବିଷ୍ୟତ ପାଇଁ ସୂକ୍ଷ୍ମଜୀବମାନଙ୍କ ଅତ୍ୟାବଶ୍ୟକ ଭୂମିକାକୁ ଆଲୋକପାତ କରିଥିଲେ। ଆଇଆଇଟି ଖଡ଼ଗପୁରର ପ୍ରଫେସର ସୁଦୀପ ଘୋଷ ଓ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟର ଡ଼କ୍ଟର ଚନ୍ଦ୍ରଶେଖର ଗାହାଣ ମଧ୍ୟ ଜୈବ ବିଜ୍ଞାନ ଓ ଜୀବ ପ୍ରଯୁକ୍ତିର ନବୀନ ଗବେଷଣା ଓ ନବାନ୍ୱେଷଣ ଉପରେ ତାଙ୍କ ବହୁମୁଲ୍ୟ ମତାମତ ରଖିଥିଲେ। ଭାରତୀୟ ଯୁବ ବିଜ୍ଞାନ ପରିଷଦର ଅଧ୍ୟକ୍ଷ ଡ଼କ୍ଟର ମୋହିତ ତ୍ୟାଗୀ ଆଭାସୀ ମାଧ୍ୟମରେ ଯୋଗଦେଇ ଯୁବ ଗବେଷକମାନଙ୍କୁ ସମାଜମୁଖୀ ଓ ପ୍ରଭାବଶୀଳ ବୈଜ୍ଞାନିକ ଅନୁସନ୍ଧାନରେ ନିୟୋଜିତ ହେବାକୁ ପ୍ରେରିତ କରିଥିଲେ। ଯୁକ୍ତ ଆୟୋଜକ ପ୍ରାଧ୍ୟାପକ ଅକ୍ଷୟ କୁମାର ବସ୍ତିଆ ସମ୍ମିଳନୀର ଉଦ୍ଦେଶ୍ୟ ବ୍ୟାଖ୍ୟା କରି ସୂକ୍ଷ୍ମଜୀବ ବିଜ୍ଞାନ ମାଧ୍ୟମରେ ସସ୍ଥାୟୀ ଉନ୍ନତି ପାଇଁ ଜ୍ଞାନ ବିନିମୟ, ନବାନ୍ୱେଷଣ ଓ ସହଯୋଗକୁ ପ୍ରୋତ୍ସାହନ ଦେବାରେ ଏହି କାର୍ଯ୍ୟକ୍ରମର ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମିଳନୀର ଆରମ୍ଭରେ ସଂଯୋଜିକା ଡ଼କ୍ଟର ଏଲସା ପଣ୍ଡିତ ସ୍ୱାଗତ ସମ୍ବୋଧନ ଓ କାର୍ଯ୍ୟସୂଚୀର ସାରାଂଶ ପ୍ରସ୍ତୁତ କରିଥିଲେ। ଶେଷରେ ଆୟୋଜନ ସଚିବ ଡ଼କ୍ଟର ଶୁଭ୍ରକାନ୍ତ ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରାୟୋଗିକ ଅଧିବେଶନ, ମୁଖ୍ୟ ବ୍ୟାଖ୍ୟାନ ଓ ଆନ୍ତର୍କ୍ରିୟାତ୍ମକ ଆଲୋଚନା ଆୟୋଜିତ ହେବା ସହିତ ସୁସ୍ଥାୟୀ ଓ ସହନଶୀଳ ଜୈବ-ଆର୍ଥିକତା ପାଇଁ ସୂକ୍ଷ୍ମଜୀବ ଆଧାରିତ ଅଦ୍ୟତନ ସମାଧାନ ଉପରେ ଚର୍ଚ୍ଚା କରାଯିବ।

# ଗଞ୍ଜେଇ ଓ ମଦ ଚୋରା ଚାଲାଣ:୭ ଗିରଫ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ନିକିରେଇ, ରାଜନଗର ଓ ଆଳି ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ପାଳଶପୁର ଗ୍ରାମର ଗୁଣନିଧି ମଲିକ (୩୧)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଦଶୀପୁର ଗ୍ରାମର ଜୀବନ ପ୍ରଧାନ (୨୯)ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, ତନରା ଗ୍ରାମର ଅରକ୍ଷିତ ଗାହଣ (୩୮)ଙ୍କ ଠାରୁ ୩.୩୦ କିଗ୍ରାର ଗଞ୍ଜେଇ, ପିମ୍ପୁଡି ଗ୍ରାମର ପାଞ୍ଚାଳି ଭୂୟା (୪୦)ଙ୍କ ଠାରୁ ୬୨ ଲିଟର ବିଦେଶୀ ମଦ, ଭୂୟପୁର ଗ୍ରାମର ରମେଶ ଚନ୍ଦ୍ର ସିଂ (୫୩)ଙ୍କ ଠାରୁ ୪୫ ଲିଟର ବିଦେଶୀ ମଦ, କାଣ୍ଡିଆ ଗ୍ରାମର ମଞ୍ଜୁଲତା ମଲିକ (୩୨)ଙ୍କ ଠାରୁ ୪୧ ଲିଟର ଦେଶୀ ମଦ ଓ ଗଞ୍ଜା ଗ୍ରାମର ରାମୁ ପାତ୍ର (୩୯)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପକ୍ଷରୁ



ସମୁଦାୟ ୩.୩୦ କିଗ୍ରାର ଗଞ୍ଜେଇ ସମେତ ୨୪୦ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ ରତ୍ନପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ।

# ଯୁବତୀ ବେକରୁ ସୁନା ଚେନ୍ ଝିମ୍ପିନେଲେ ଲୁଟେରା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜନଗହଳି ପୂର୍ଣ୍ଣ ଜାରକା ବସ୍‌ଷ୍ଟାଣ୍ଡ ତଥା ଜାରକା ବଜାର ବିଟ୍‌ହାଉସ୍ ନିକଟରୁ ଲଗାତାର ଚେନ୍ ଲୁଟ୍ ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶପାଉଛି । ସୋମବାର ସନ୍ଧ୍ୟାରେ ଅଣ୍ଡେଇଗୁଡା ଗ୍ରାମର ଅଶୋକ ବାରିକଙ୍କ ଝିଅ ଅଭିଲିପ୍ସା ବାରିକ ନିଜ ମାଉସୀ ସହ ବଜାରକୁ କିଣାକିଣି କରିବାକୁ ଯାଉଥିବାବେଳେ ୨ ଜଣ ଯୁବକ ପଲ୍‌ସର୍ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଛିଡାଇ ନେଇଥିଲେ। ଅଭଲିପ୍ସା ଲିଖିତ ଭାବେ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି । ସୂଚନାଯୋଗ୍ୟ କିଛିଦିନ ପିର୍ବରୁ ଏହି ସ୍ଥାନରେ ୨ ଜଣ ଲୁଟେରା ଛତିଆ ଅଞ୍ଚଳର ଦମ୍ପତିଙ୍କ ଠାରୁ ସୁନା ଚେନ୍ ଲୁଟି ନେଇଥିଲେ । ଜାରକା ବସ୍‌ଷ୍ଟାଣ୍ଡ ଓଭରବ୍ରିଜ୍ ତଳ ଏବେ ଲୁଟେରାଙ୍କ ଆଡ୍ଡାସ୍ଥଳରେ ପରିଣତ ହୋଇଛି ।



# ଲପଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାଚେରୀ ଓ ପ୍ରବେଶ ଦ୍ୱାର ପାଇଁ ଭୂମିପୂଜା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଲପଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କଲେଜ ପ୍ରାଙ୍ଗଣରେ ପାଚେରୀ ଓ ପ୍ରବେଶ ଦ୍ୱାର ନିର୍ମାଣ ପାଇଁ ଭୂମିପୂଜା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଲପଙ୍ଗା ସମିତି ସଭ୍ୟ କିରଣ ବେହେରାଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା । ଏଥିରେ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବିଦ୍ୟାଳୟ ଓ କଲେଜର ଅଧ୍ୟକ୍ଷ ମନୋଜ ନାୟକଙ୍କ ସହିତ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ସ୍ଥାନୀୟ ଲୋକମାନଙ୍କର ପରାମର୍ଶ ଅନୁଯାୟୀ ପାଚେରୀ ଏବଂ ପ୍ରବେଶ ଦ୍ୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ଏହାର ଉଦ୍ଦେଶ୍ୟ ବିଦ୍ୟାଳୟ ପ୍ରାଙ୍ଗଣର ସୁରକ୍ଷା, ନିରାପତ୍ତା ଓ ସାମଗ୍ରିକ ଭିତ୍ତିଭୂମି ଉନ୍ନତ କରିବା । ଏହି ପଦକ୍ଷେପ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ଦ୍ୱାରା ଶିକ୍ଷା ଓ ସମୁଦାୟ ଉନ୍ନତି ପ୍ରତି ତାର ପ୍ରତିବଦ୍ଧତାକୁ ପ୍ରକାଶ କରେ। କାର୍ଯ୍ୟକ୍ରମ ସମୟରେ ଅତିଥିମାନେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ସୁରକ୍ଷିତ ଓ ସୁସଂଗଠିତ ଶିକ୍ଷା ପରିବେଶର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ଏହି ପ୍ରକଳ୍ପ ଶିକ୍ଷାଳୟର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ନିରାପଦ ଶିକ୍ଷା ପରିବେଶ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଏହି ପଦକ୍ଷେପ ପ୍ରତି ତାଙ୍କର ସନ୍ତୋଷ ବ୍ୟକ୍ତ କରିଥିବା ସହିତ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବାରେ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗାଙ୍କ ନିରନ୍ତର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୭।୦୩।୨୦୨୬, ଚୈତ୍ର ଦି୧୩ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୪୭।୫୮** **ଚନ୍ଦ୍ରୋଦୟ- ଦିଘ ୧୨।୪୭।୧୮**

**ନବମୀ-** ଦିଘ ୧୦।୦୯ ପର୍ଯ୍ୟନ୍ତ । ପୁର୍ବବସୁ ନକ୍ଷତ୍ର ଦିଘ ୩।୨୭ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଦିଘ ୯।୩୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୯।୩୬ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** କନ୍ୟା ରାଶିର। ଦିଘ ୯।୩୮ ଗତେ ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୧୦।୦୯ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୫।୪୯ ଗତେ ଦିଘ ୬।୩୮ ମଧ୍ୟେ । ଦିଘ ୧୨।୧୮ ଗତେ ଦିଘ ୨।୪୩ ମଧ୍ୟେ। **ପର୍ବୋତ୍ସବ-** ଶ୍ରୀରାମ ନବମୀ (ବୈ), ପୀଠେ ବାସନ୍ତିକ ଦଶହରା, ମୃଣ୍ମୟୀ ଦେବୀଙ୍କ ନବମୀ, ବିଶ୍ୱ ରଙ୍ଗମଞ୍ଚ ଦିବସ ।



**ମେଷ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଶତ୍ରୁମାନେ ପରାଜିତ ହେବେ। ଯାନବାହାନ କ୍ରୟ କରିବେ। ଅର୍ଥ ଲାଭ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ପାରିବାରିକ ସୁଖ ଶାନ୍ତି ଲାଭ ହେବ।



**ବୃଷ:** ଏକାଧିକ କାମ ହାତରେ ଥିବା ହେତୁ ବ୍ୟସ୍ତ ରହିବେ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବରେ ହେବ। ସତ କଥା କହି ଅସୁବିଧାରେ ପଡ଼ିବେ। ରୋଜଗାରରେ ଉନ୍ନତି ହେବ। ଗୃହରେ ଆନନ୍ଦ ଲାଭ ।



**ମିଥୁନ:** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ମାନସିକ ସ୍ଥିତି ଭଲ ରହିବନାହିଁ। ସୁଖ ଓ ନିରାମୟ ଜୀବନ ଯାପନ କରିବେ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ମହିଳାମାନେ ସୁଖୀ ହେବାର ସୂଚନା ।



**କର୍କଟ:** ପରିବାରରେ ସମସ୍ୟା ଦେଖାଦେବ। ଯାନବାହାନ ଠାରୁ ସତର୍କ ରହିଲେ ଭଲ। ଧର୍ମ କାର୍ଯ୍ୟ ଆଡ଼କୁ ମନ ବଳାଇବେ। ପରାକ୍ରମଶାଳୀ ହେବେ। ବିଳାସ ବ୍ୟସନ ସାମଗ୍ରୀ ପାଇବେ। ରୋଜଗାର ଭଲ ହେବ ।



**ସିଂହ:** ଧୈର୍ଯ୍ୟର ସହ କାମ କରିବେ। ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ଠାରୁ ସହଯୋଗ ପାଇବେ। ରୋଜଗାରର ପରିମାଣ ବୃଦ୍ଧି। ଶତ୍ରୁଙ୍କ ଠାରୁ ଦୂରେଇ ରହିବା ଭଲ। ବ୍ୟବସାୟରେ ସୁଯୋଗ ହାତଛଡ଼ା କରିବେ ।



**କନ୍ୟା:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ଦିନଟି ଭଲରେ କଟିବନାହିଁ। ଅଯଥା ପରିଶ୍ରମ ବଢ଼ିବ। ଆୟ ଠାରୁ ବ୍ୟୟ ବୃଦ୍ଧି ଘଟିବ। ଗୃହେ ଅବୁଝା ହେବାର ଆଶଙ୍କା। ମାନସିକ ସ୍ଥିତି ଭଲ ରହିବନାହିଁ ।



**ତୁଳା:** ସତ୍ ମାର୍ଗରେ ଯିବେ। ପୁଣ୍ୟ କାର୍ଯ୍ୟ କରିବେ। ଜନପ୍ରିୟତା ହାସଲ କରିବେ। ବ୍ୟବସାୟରେ ସହଯୋଗୀଙ୍କ ସହ ମାନମନାନ୍ତର ଦେଖାଦେବ। ରୋଜଗାର ମଧ୍ୟମ ହେବ। ପାରିବାରିକ ସୁଖ ଅବ୍ୟାହତ ରହିବ ।



**ବିଛା:** କୌଶଳ କ୍ରମେ କାର୍ଯ୍ୟ ହାସଲ କରିବେ। ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହେବେ। ଖର୍ଚ୍ଚର ପରିମାଣ ବଢ଼ିବ। ପରିବାରରେ ଅଶାନ୍ତି ଓ କଳହ ସୃଷ୍ଟି ହେବ। ମହିଳାମାନେ ପରିଶ୍ରମୀ ହେବାର ସୂଚନା ।



**ଧନୁ:** ଦୟାଳୁ ହେବେ। ସତ୍ ପଥରେ ଆଗେଇ ଚାଲିବେ। ଲୋକପ୍ରିୟତା ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ଆଶାବାଦୀ ହେବେ। ପାରିବାରିକ ସମସ୍ୟାର ସମାଧାନ ହେବ। ବ୍ୟୟର ପରିମାଣ ବଢ଼ିବାର ସୂଚନା ।



**ମକର:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ରୋଜଗାର ଭଲ ହେବ। ଘରେ ଆନନ୍ଦ ଦେଖାଦେବ। ମହିଳାମାନେ ସୁଖୀ ହେବେ। ନୂତନ କାର୍ଯ୍ୟ ଆରମ୍ଭ କରିବାର ସୁଯୋଗ ଜୁଟିପାରେ ।



**କୁମ୍ଭ:** ଆନନ୍ଦ ଉଲ୍ଲାସ ମଧ୍ୟରେ ଦିନଟି କଟିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ବ୍ୟବସାୟ ବଢ଼ିବ। ଉଚ୍ଚ ସ୍ତରରେ ଲୋକ ସମ୍ପର୍କ ବଢ଼ିବ । ପରିବାରରେ କଳହ ସୃଷ୍ଟି ହେବ ।



**ମୀନ:** ଦୂର ସ୍ଥାନକୁ ଯାତ୍ରା କରିବେ। ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିବ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ରୋଜଗାରରେ ଉନ୍ନତି। ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ। ଗୃହେ ଶାନ୍ତି ଲାଭ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୮।୦୩।୨୦୨୬, ଚୈତ୍ର ଦି୧୪ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୪୭।୦୬** **ଚନ୍ଦ୍ରୋଦୟ- ଦିଘ ୧।୪୯।୨୬**

**ଦଶମୀ-** ଦିଘ ୮।୪୯ ପର୍ଯ୍ୟନ୍ତ । ପୁଷ୍ୟା ନକ୍ଷତ୍ର ଦିଘ ୨।୫୧ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୮।୪୯ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୧୦।୨୧ ଗତେ ଦିଘ ୧।୦୬ ମଧ୍ୟେ । **ପର୍ବୋତ୍ସବ-** ବାସନ୍ତିକ ମୃଣ୍ମୟୀ ଦେବୀଙ୍କର ଦଶହରା।

ପ୍ରଭାତୀୟ
32 YEARS
ସମ୍ବାଦ କଳିକା

# ଟ୍ରମ୍ପଙ୍କ କାଳ ହୋର୍ମୁଜ

ଇରାନ ଏବଂ ଆମେରିକା-ଇସ୍ରାଏଲ୍ ମଧ୍ୟରେ ଚାଲୁଥିବା ଯୁଦ୍ଧ ଏବେ ଏତେ ବଢ଼ିଯାଇଛି ଯେ ହୋର୍ମୁଜ ପ୍ରଣାଳୀ ପ୍ରାୟ ବନ୍ଦ ହୋଇଯାଇଛି। ସେହି କାରଣରୁ ହୋର୍ମୁଜର ଉଭୟ ପାର୍ଶ୍ୱରେ ଶହ ଶହ ତେଲ ଟ୍ୟାଙ୍କର ଫସି ରହିଛନ୍ତି । ସେଥିଯୋଗୁ ତେଲ ଦାମ୍ ବ୍ୟାରେଲ ପିଛା ୧୦୦ ଡଲାର ଟପିସାରିଛି। ପୂରା ଦୁନିଆର ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡୁଛି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ 'ଯେକୌଣସି ଉପାୟ'ରେ ଏହି ସାମୁଦ୍ରିକ ରାସ୍ତାକୁ ପୁଣି ଖୋଲିବେ ବୋଲି କହିଛନ୍ତି। କିନ୍ତୁ ବିଶେଷଜ୍ଞଙ୍କ ଅନୁସାରେ, ଏହି କାମ ଏତେ ସହଜ ନୁହେଁ । ଯଦି ଇରାନ ସହ କୌଣସି ବୁଝାମଣା ନହୁଏ କିମ୍ବା ଆମେରିକା କୌଣସି ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଏହି ରାସ୍ତାରେ ଯାତାୟତକୁ ସଂପୂର୍ଣ୍ଣ ପୁନଃସ୍ଥାପିତ କରିବା କଷ୍ଟକର ହେବ। ଇରାନର ମଜଭୁତିର ସବୁଠୁ ବଡ଼ କାରଣ ହେଲା ଏହି ଅଞ୍ଚଳର ଭୌଗୋଳିକ ସ୍ଥିତି । ହୋର୍ମୁଜ ପ୍ରଣାଳୀ ଅତି ସଂକୀର୍ଣ୍ଣ । ଏହି ଜଳମାର୍ଗ ଦେଇ ଅତିକ୍ରମ କରୁଥିବା ଜାହାଜକୁ ଇରାନର ପାହାଡ଼ିଆ ତଟର ଅତି ନିକଟ ଦେଇ ଯିବାକୁ ହୋଇଥାଏ। ଏହାର ଫାଇଦା ଉଠାଇ ଇରାନ ଶତ୍ରୁ ପକ୍ଷ ଉପରେ ଆକ୍ରମଣ କରିଥାଏ । ଇରାନ ନିକଟରେ ଏଭଳି ଅସ୍ତ୍ରଶସ୍ତ୍ର ମଧ୍ୟ ରହିଛି ଯାହାକି ଛୋଟ, ସହଜରେ ଲୁଚାଇ ହେବ ଏବଂ ଅଚାନକ ବ୍ୟବହାର କରିହେବ । ଏହି ଅସ୍ତ୍ର ପାହାଡ଼, ଗୁମ୍ଫା ଏବଂ ସୁଡ଼ଙ୍ଗରେ ଲୁଚାଇ ରଖାଯାଇଛି । ଆବଶ୍ୟକ ହେଲେ ଏହାକୁ ଉପକୂଳ ନିକଟରୁ ହିଁ ଲଞ୍ଚ କରିହେବ। ଏହି କାରଣରୁ ଆକ୍ରମଣ ସ୍ଥିତିରେ ଜାହାଜକୁ ପ୍ରତିକ୍ରିୟା ଦେବାକୁ ବହୁତ କମ୍ ସମୟ ମିଳିଥାଏ । ମିସାଇଲ ଏବଂ ଡ୍ରୋନ୍ ଦେଖାଯିବା ପରେ କାର୍ଯ୍ୟାନୁଷ୍ଠାନ ଲାଗି ମାତ୍ର କେଇ ମିନିଟ୍ ସମୟ ମିଳେ । ଟ୍ରମ୍ପ ଏହି ରାସ୍ତାକୁ ଖୋଲିବାକୁ ଅନେକ ଥର ଭିନ୍ନ ଭିନ୍ନ ଦାବି କରିସାରିଛନ୍ତି । କିନ୍ତୁ ଆମେରିକା ଯେଉଁ ବିକଳ୍ପ ସଂପର୍କରେ ବିଚାର କରୁଛି ସେଥିରେ ଅଧିକାଂଶ ସାମରିକ କାର୍ଯ୍ୟାନୁଷ୍ଠାନ ସାମିଲ । ଯଦି ଆମେରିକା ସେନ୍ୟ ଶକ୍ତି ଦ୍ୱାରା ଏହି ରାସ୍ତାକୁ ଖୋଲିବାକୁ ଚାହେଁ ତେବେ ସର୍ବପ୍ରଥମେ ଇରାନର ଆକ୍ରମଣ କ୍ଷମତାକୁ ଶେଷ କରିବାକୁ ହେବ । ଅର୍ଥାତ୍ ତାକୁ ମିସାଇଲ୍ ସିଷ୍ଟମ, ଡ୍ରୋନ୍ ଏବଂ ସେହି ଠିକଣାକୁ ନଷ୍ଟ କରିବାକୁ ହେବ ଯେଉଁଠାରୁ ଇରାନ ଜାହାଜ ଉପରେ ଆକ୍ରମଣ କରିପାରେ । କିନ୍ତୁ ଅଦ୍ୟାବଧି ଆମେରିକା ଏବଂ ଇସ୍ରାଏଲର ହଜାର ହଜାର ଆକ୍ରମଣ ସତ୍ତ୍ୱେ ଇରାନର ଏହି କ୍ଷମତା ସଂପୂର୍ଣ୍ଣ ଶେଷ ହୋଇନାହିଁ । ଟ୍ରମ୍ପ ଆହୁରି ମଧ୍ୟ କହିଛନ୍ତି ଯେ, ହୋର୍ମୁଜ ପ୍ରଣାଳୀ ଦେଇ ଜାହାଜକୁ ସୁରକ୍ଷିତ ବାହାର କରିବା ଲାଗି ନୌସେନା ଜାହାଜ ସେଥିସହ ଚାଲିପାରେ । ଏହାକୁ 'ଏସ୍କର୍ଟ ଅପରେସନ୍' ବୋଲି କୁହାଯାଇଥାଏ। ଏଥିରେ ଟ୍ୟାଙ୍କର ସହ ଯୁଦ୍ଧଜାହାଜ ଚାଲିବ । ଉପରୁ ବିମାନ ଅନୁଧ୍ୟାନ କରି ଡ୍ରୋନ୍‌କୁ ମାରି ଖସାଇବ ଏବଂ ଉପକୂଳରେ ଥିବା ମିସାଇଲ୍ ଠିକଣା ଉପରେ ଆକ୍ରମଣ କରିବ। ଏଥିସହ ଯଦି ସମୁଦ୍ରରେ ବାରୁଦ ସୁଡ଼ଙ୍ଗ ବିଛାଯାଇଥିବ ତେବେ ତାକୁ ହଟାଇବା ଲାଗି 'ମାଇନ୍‌ସ୍ୱିପର ଜାହାଜ'କୁ ଲଗାଯିବ । କିନ୍ତୁ ଏହି ସବୁ କରିବା ବହୁତ ବଡ଼ ଏବଂ ଜଟିଳ ସାମରିକ ଅଭିଯାନ ହେବ । ଏଥିରେ ଅନେକ ସମୟ, ସଂସାଧନ ଏବଂ ରିସ୍କ ରହିବ । ଆମେରିକୀୟ ଯୁଦ୍ଧଜାହାଜ ମଧ୍ୟ ଏହି ଅଞ୍ଚଳରେ ସଂପୂର୍ଣ୍ଣ ସୁରକ୍ଷିତ ନୁହେଁ । ହୋର୍ମୁଜ ଭଳି ସଙ୍କୀର୍ଣ୍ଣ ଅଞ୍ଚଳରେ ଜାହାଜକୁ ଚାରିପଟୁ ବିପଦ ରହିଥାଏ । ଡ୍ରୋନ୍ ଏବଂ ମିସାଇଲ୍‌ରୁ ତାକୁ ରକ୍ଷା କରିବା ଆହୁରି କଷ୍ଟକର । ସେହିପରି ସମୁଦ୍ରରେ ବିଛାଯାଇଥିବା ବାରୁଦ ସୁଡ଼ଙ୍ଗ ସବୁଠୁ ବଡ଼ ବିପଦ । ଯଦି ପାଣିରେ ବାରୁଦ ସୁଡ଼ଙ୍ଗ ଥିବା ନେଇ ସାମାନ୍ୟ ସନ୍ଦେହ ହୁଏ ତେବେ କୌଣସି ଦେଶ ନିଜର ବଡ଼ ଜାହାଜକୁ ସେଠାକୁ ପଠାଇବାର ରିସ୍କ ନେବ ନାହିଁ । ବାରୁଦ ସୁଡ଼ଙ୍ଗ ହଟାଇବାର କାମ ଅତି ଧୀମା ହୋଇଥାଏ । ଏଥିରେ ଅନେକ ସପ୍ତାହ ଲାଗିପାରେ । ଏହି ସମୟରେ ଯେଉଁ ଟିମ୍ ବାରୁଦ ସୁଡ଼ଙ୍ଗ ହଟାଇଥାଏ ତାକୁ ମଧ୍ୟ ସୁରକ୍ଷାର ଆବଶ୍ୟକତା ହୋଇଥାଏ ।

# ବସନ୍ତ ଏବେ...

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଧରାପୃଷ୍ଠରେ ଋତୁରାଜ ବସନ୍ତଙ୍କ ଆଗମନ ହୋଇଛି । ଶୀତ ଚାଲିଯାଇଛି, ନିଦାଘ ଏଯାଏଁ ପ୍ରଖର ଭାବେ ଆସି ନାହିଁ । ଏଇ ମଧୁମୟ ସମୟ ହେଲା ବସନ୍ତ । ବସନ୍ତ ମାନେ ପୂର୍ଣ୍ଣତା । ବସନ୍ତ ମାନେ ପ୍ରାଣ ଚଞ୍ଚଳତା । ବନ ଉପବନରେ ପଳାସ ଫୁଟିଲାଣି । ଶୀତରେ ଧୂସର ହୋଇଯାଇଥିବା ଅରଣ୍ୟର ଗୈରିକ-ରକ୍ତିମ ପ୍ରତିବାଦ – "ଆମକୁ ରଙ୍ଗହୀନ କରିପାରିବେନି କେହି"। ପରେ ପରେ ଧୂସର, ପତ୍ରହୀନ ଗଛରେ ଫୁଟିଉଠେ ଉଜ୍ଜ୍ୱଳ ସବୁଜ ରଙ୍ଗର ପତ୍ର । ପବନରେ ମୁଣ୍ଡ ଦୋହଲାଇ ଘୋଷଣା କରେ – ଆମେ ବି ଆସିଗଲୁ ।

ବସନ୍ତ ମାନେ ଆମ୍ର କୁଞ୍ଜରେ ମଞ୍ଜରୀର ସୁବାସ । ରହି ରହି କୋକିଳର କୂଜନ ଶୁଭୁଛି। ବୃକ୍ଷ ଶାଖାରେ ନବ ପଲ୍ଲବ, ପୁରୁଣା ପତ୍ର ଝରି ଯାଉଛି, ନୂଆ ମୁଣ୍ଡ ଟେକୁଛି । ଝରାପତ୍ର ଆଶୀର୍ବାଦ କରୁଛି ନବପଲ୍ଲବକୁ – ଭଲରେ ଥାଅ ବାବୁମାନେ । ଆମର ଦିନ ସିନା ସରିଗଲା, କିନ୍ତୁ ମାଟିରେ ମିଶି ଆମେ ତମକୁ ତେଜୋଦୀପ୍ତ କରୁଥିବୁ...

ଏସବୁ କଥା ଆମେ କବି ଲେଖକମାନେ ୨୦-୩୦ ବର୍ଷ ଆଗରୁ ବି ଲେଖୁଥିଲୁ। ହେଲେ ଏବେ ଦିନକାଳ ବଦଳି ଗଲାଣି । ବସନ୍ତ ଉପରେ ଏବେ ଭାରି ପ୍ରେସର । କେଉଁ ସୁଦୂର ଚନ୍ଦନଗନ୍ଧ ଅତୀତରେ ଏହାକୁ 'ଋତୁମାନଙ୍କ ରାଜା' ବୋଲି କୁହାଯାଉଥିଲା। ଏବେ କର୍ପୁର ଉଡିଯାଇଛି, କନା ପଡ଼ିରହିଛି । ବସନ୍ତକୁ ଏବେବି ଋତୁରାଜ ବୋଲି କୁହାଯାଉଛି । କିନ୍ତୁ ରାଜାର ଆଟବାଟ, ପ୍ରଭାବ ପ୍ରତିପତ୍ତି ଆଉ ତାର ନାହିଁ । ସେ ଏବେ ଶୀତ ଆଉ ଗ୍ରୀଷ୍ମ ମଝିରେ ହାଇଫେନ ଭଳି ଲଟକି ରହିଥିବା କାଳଖଣ୍ଡଟିଏ ।

ଶହ ଶହ ବର୍ଷ ଧରି କବି ସାହିତ୍ୟିକମାନେ ଲେଖି ଲେଖି ତାର ଗୋଟେ 'ରୋମାଣ୍ଟିକ' ଇମେଜ ତିଆରି କରି ଦେଇଛନ୍ତି । ଏବେ ତାକୁ ସେ ଇମେଜ ବଜାୟ ରଖିବାକୁ ନାକେଦମ ହେବାକୁ ପଡୁଛି । ଇଆଡ଼େ ବର୍ଷକୁ ବର୍ଷ ତା ପାଖରେ ଟାଇମ କମିଯାଉଛି । ଶୀତ ସରୁ ସରୁ ଗ୍ରୀଷ୍ମ ଏମିତି ବେଗରେ ମାଡି ଆସୁଛି ଯେ ତା ପାଖରେ ସବୁ କାମ କରିବାର ସମୟ ରହୁନି ।

ପାଞ୍ଜି କ୍ୟାଲେଣ୍ଡର ଦେଖିଲେ ଭାରତରେ ଫାଲ୍ଗୁନ- ଚୈତ୍ର ଦୁଇ ମାସ ହେଲା ବସନ୍ତ ଋତୁ । ସେଥିରୁ ଫାଲ୍ଗୁନ ଚାଲିଯାଇଛି, ଚୈତ୍ର ଚାଲିଛି ।

ଅଳ୍ପ କିଛି ଦିନ ଭିତରେ ଅନେକ କାମ ତାକୁ ସାରିବାକୁ ପଡିବ । କାମ କହିଲେ କଣ କମ କାମ ବସନ୍ତ ପାଖରେ ! ଆମ୍ବ ଗଛରେ ବଉଳ ଆସିଲା କି ନାହିଁ ଦେଖିବାକୁ ପଡିବ, ପଳାଶ ଫୁଲ ଫୁଟିଲା କି ନାହିଁ ଦେଖିବାକୁ ପଡିବ; ପୁଣି ସଜନା ଫୁଲ ଫୁଟିଲା କି ନାହିଁ – ତାକୁ ବି ଦେଖିବାକୁ ପଡିବ । ଏହା ଭିତରେ କୋଇଲି ଆସିଲା କି ନାହିଁ, ଗୀତ ଗାଇଲା କି ନାହିଁ – ତାକୁ ବି ଦେଖିବାକୁ ପଡିବ । କୋଇଲି ଗୀତ ଯଦି କବି ସାହିତ୍ୟିକମାନଙ୍କୁ ନ ଶୁଭିଲା – ତେବେ ସେମାନେ ତାକୁ ନେଇ ପାଟିତୁଣ୍ଡ କରିବେ । ଆଜିକାଲି ଖରା ଏଡ଼େ ଶୀଘ୍ର ଆଉ ଏଡ଼େ ବିକଟାଳ ଭାବେ ମାଡି ଆସୁଛି ଯେ କୋଇଲି ଆଉ ଧୀର ମନ୍ଥର ଲୟରେ ପଞ୍ଚମ ତାନ ମେଲାଇ ପାରୁ ନାହିଁ । ତାର କଣ୍ଠ ଶୁଖିଯାଉଛି । ଇଆଡ଼େ କୋଇଲିର ଗୀତ ଯଦି ନ ଶୁଭିଲା ଆଉ କବି ସାହିତ୍ୟିକମାନେ, ରୋମାଣ୍ଟିକ ଯୋଡ଼ିମାନେ ଆଉ ପରିବେଶ ପ୍ରେମୀମାନେ ଯଦି ତାକୁ ନେଇ ପାଟିତୁଣ୍ଡ କଲେ ତେବେ ମିଡିଆବାଲା ତ ଜଗି ବସିଛନ୍ତି – ବାର କଥା କହିବେ, ବିରୋଧୀ ଦଳ ବିଧାନସଭାରେ ପାଟିତୁଣ୍ଡ କରିବେ, ସରକାର ଯାଞ୍ଚ କମିଟି ବସେଇବେ । ଯାଞ୍ଚ କମିଟି ବସନ୍ତକୁ କୈଫିୟତ ମାଗିବେ । ଏତେ ପ୍ରେସରରେ ବସନ୍ତ ଏବେ ରୋଗୀଣା ହୋଇଗଲାଣି । ବୟସ୍କ ଦିଶିଲାଣି ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୬୧)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଆମେ ଇତିହାସର ବହୁ ବଳିଷ୍ଠ ପ୍ରସଙ୍ଗକୁ ଏହି ଐତିହାସିକ ପ୍ରବନ୍ଧରେ ବହୁ ପୂର୍ବରୁ ସଂଯୋଗ କରିଛୁ। ଏବେବି ସଂଯୋଗ କରି ନୂତନତ୍ୱର ଅନୁସନ୍ଧାନ ଅନ୍ୱେଷଣ କରୁଛୁ। ପ୍ରସଙ୍ଗଟି ହେଉଛି ଓଡିଶାର ସ୍ୱନାମ ଧନ୍ୟ ଯଶସ୍ୱୀ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ନୀଳଶୈଳ, ଉପନ୍ୟାସରେ ରାମଚନ୍ଦ୍ର ଦେବଙ୍କ ଦ୍ୱାରା କରାଯାଇଥିବା ନବକଳେବର ସଂକ୍ରାନ୍ତରେ ଅନେକ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଛି । ଉକ୍ତ ପ୍ରସଙ୍ଗକୁ ଓଡିଶାର ଜଣେ ସ୍ୱନାମଧନ୍ୟ ସ୍ତମ୍ଭକାର ଅସିତ ମହାନ୍ତି କିଛି ଦିନ ପୂର୍ବରୁ ଦୈନିକ ସମ୍ବାଦପତ୍ରରେ ସ୍ଥାନିତ କରିଛନ୍ତି । ଯାହାକୁ ନିମ୍ନରେ ଉଲ୍ଲେଖ କରୁଛୁ । ସେଦିନ ବିଶର ମହାନ୍ତି କଳାପାହାଡ କବଳରୁ ଗଙ୍ଗାକୂଳରୁ ଶ୍ରୀଜଗନ୍ନାଥଙ୍କର ଯେଉଁ ବ୍ରହ୍ମଙ୍କୁ ମୃଦଙ୍ଗରେ ପୁରେଇ ନେଇ ଆସିଥିଲେ, ସେହି ବ୍ରହ୍ମଙ୍କର ନବକଳେବର ପାଇଁ ଏକ ଅଜ୍ଞାତ ଗ୍ରାମରୁ ଦିବ୍ୟ ଲକ୍ଷଣ ଯୁକ୍ତ ଦାରୁ ମିଳିଥିଲା। ରାମଚନ୍ଦ୍ରଦେବ ସେହି ଗ୍ରାମକୁ ଇତିହାସ ପୃଷ୍ଠାରେ ଅମର କରିଦେଇଥିଲେ । ତାହାର ସ୍ମାରକ ସ୍ୱରୂପ ରାମଚନ୍ଦ୍ରଦେବଙ୍କ ଆଦେଶରେ ସେହିଠାରେ ସ୍ଥାପିତ ହୋଇଥିଲା ବ୍ରହ୍ମପୁର ଗ୍ରାମ ଓ ଦଧିବାମନଙ୍କ ମନ୍ଦିର । ରାମଚନ୍ଦ୍ରଦେବ ବିଶର ମହାନ୍ତିଙ୍କୁ ଗଡନାୟକ ପଦବି ଦେଇ ମନ୍ଦିରର ରକ୍ଷଣା ବେକ୍ଷଣ ଓ ଚଉପାଢି ପାଇଁ ତିନିଶହ ଷାଠିଏ ବାଟି ନିଷ୍କର ଭୂମି ଖଞ୍ଜି ଦେଇଥିଲେ । ସିଂହଳ-ବ୍ରହ୍ମପୁର ଚଉପାଢି ଓ ଦଧିବାମନଙ୍କ ମନ୍ଦିରର ଏହି ଇତିବୃତ୍ତି ଏବେ ସୁଦ୍ଧା ଚଉପାଢିର ଭଉଁରିଆ ଖେଦାମାନଙ୍କରେ ଲେଖାହୋଇ ରହିଛି । ନୀଳଶୈଳ ଉପନ୍ୟାସରେ ଯେଉଁ ସମୟର ଘଟଣା ବର୍ଣ୍ଣିତ,ସେହି ସମୟକୁ ସିଂହଳ ବ୍ରହ୍ମପୁର ଚଉପାଢି ଉପରେ ପାଞ୍ଚ ପିଢି ବିତିଯାଇଥିଲା । ତାଙ୍କ ବର୍ଣ୍ଣନାରେ ସେତେବେଳକୁ ତାହାର ଦାୟିତ୍ୱ ନିର୍ବାହ କରୁଥିଲେ କୁଞ୍ଜ ଗଡନାୟକ । କିନ୍ତୁ ଦୁଃଖର ବିଷୟ ଚଉପାଢିର ବିଶାଳ ଭୂସଂପତ୍ତି ଗଡନାୟକଙ୍କ ଦଖଲରୁ ଚାଲିଯାଇଥିଲା । ତିନି ଶହ ଷାଠିଏ ବାଟି ଭୂସଂପତ୍ତିରୁ ଆଉ ମାତ୍ର ଥିଲା ପଚାଶ ବାଟି ଭୂମି, ତଥାପି କୁଞ୍ଜ ଗଡନାୟକ ବହୁ କଷ୍ଟରେ ମନ୍ଦିରର ବିଧି ରକ୍ଷା କରୁଥିଲେ । ବିବରଣୀ ମାଧ୍ୟମରେ ସୁରେନ୍ଦ୍ର ମହାନ୍ତି ଲେଖିଛନ୍ତି ଯେ କୁଞ୍ଜ



ଗଡନାୟକ ଅପୁତ୍ରିକ ଥିଲେ । ଏକ ମାତ୍ର କନ୍ୟା ଦୁର୍ଗେଶ୍ୱରୀଙ୍କ ବ୍ୟତିତ ଗଡନାୟକଙ୍କର ଅନ୍ୟ ସଂସାର ବନ୍ଧନ ଅଥବା ସନ୍ତାନ ସନ୍ତତି ନଥିଲେ। ଯମୁନା ଝାଡପଡା ବୈରୀଶଲ୍ୟଙ୍କ ଘରେ କୁଞ୍ଜ ଗଡନାୟକ ମହାଆଡମ୍ବରରେ ଦୁର୍ଗେଶ୍ୱରୀଙ୍କୁ ବିବାହ ଦେଇଥିଲେ । ବିବାହର ମାତ୍ର ଗୋଟିଏ ବର୍ଷ ନପୁରୁଣୁ ଦୁର୍ଗେଶ୍ୱରୀ ହାତରୁ ଚୂଡି ଶଙ୍ଖା ଭାଙ୍ଗି, ପିତ୍ରାଳୟକୁ ଫେରିଆସିଥିଲା ଏକମାତ୍ର ଆଦରଣୀୟା କନ୍ୟା ଦୁର୍ଗେଶ୍ୱରୀର କରୁଣ କାନ୍ଦଣା ଆଉ ଶୁଣି ନପାରି କୁଞ୍ଜ ଗଡନାୟକ ଦଧିବାମନ ମନ୍ଦିର ବେଢା ଭିତରେ ତିନିଦିନ ତିନିରାତି ଅଧିଆ ପଡି ଡାକିଥିଲେ । ଶେଷକୁ ବିଶର ମହାନ୍ତିର ବଂଶ ଲୋପ କଲ ଜଗନ୍ନାଥ ? କୌଣସି ପ୍ରାର୍ଥନା ନାହିଁ, ଯାଚଞ୍ଚା ନାହିଁ, କେବଳ ଏକ ଅଭିମାନସ୍ନାତ ଅଭିଯୋଗ, ଶେଷକୁ ବିଶର ମହାନ୍ତିର ବଂଶରେ ପାଣି ଟୋପେ ଇଡିବା ପାଇଁ କାହାକୁ ରଖିଲ ନାହିଁ ? ବିଶର ମହାନ୍ତି ପରା ତମର ମାନ ରକ୍ଷା କରିଥିଲା। ତିନିଦିନ ତିନିରାତିର ଅନ୍ତିମ ସମୟରେ ସ୍ୱୟଂ ଦାରୁବ୍ରହ୍ମ ସ୍ୱପ୍ନରେ ତାଙ୍କ ଆଗରେ ଉଭା ହୋଇଥିଲେ । ସେ କହିଥିଲେ ମୋତେ ଯିଏ ଆଶାକରେ, ସେ ସାତତାଳ ପାଣି ତଳେ ବୁଡେ, ତୁ ତ ବୁଡିବୁ, ଆଉ ଯୋର କଣ ? ଏଥର ଚଉପାଢୀକୁ ଫେରିଯା, ଏହି କଥା ଶୁଣି କୁଞ୍ଜ ଗଡନାୟକ ସବୁ ଦୁଃଖ ଶୋକ ଭୁଲି ଫେରିଆସିଲେ ଚଉପାଢିକୁ । ତାଙ୍କର ଶ୍ରବଣ ଶକ୍ତି ଲୋପ ପାଇଯାଇଥିଲା । ବଧିରତାର ସାତତାଳ ପ୍ରଶାନ୍ତ ତଳେ ସେ ସତ୍ତାହୀନ ଭାବରେ ନିମଜ୍ଜିତ ହୋଇସାରିଥିଲେ । ଅନ୍ୟ ଦିନମାନଙ୍କ ପରି ସେ ଚଉପାଢୀର ଦାଣ୍ଡ ପିଣ୍ଡାରେ ବସି ଦଧିବାମନଙ୍କ ଲାଗି ଦୟଣାମାଳ ଗୁନ୍ଥୁଥିଲେ । ଏହାହିଁ ହେଉଛି ବିଶର ମହାନ୍ତି ଏବଂ ତାଙ୍କ ବଂଶର ଅନ୍ତିମ ପରିଣତି । ଉପରୋକ୍ତ ପ୍ରସଙ୍ଗଟି ଆମେ ଉଦ୍ଧାର କଲୁ ସୁରେନ୍ଦ୍ର ମହାନ୍ତି କହିଥିବା ଐତିହାସିକ ଉପନ୍ୟାସରୁ ।

ଏହିଠାରେ ଆମେ ଫେରି ଆସୁଛୁ କୁଜଙ୍ଗଗଡକୁ । ଯେଉଁଠି ମା ସୁଭଦ୍ରାଙ୍କୁ ମହାରାଜା ଗୋପୀନାଥ ନରେନ୍ଦ୍ର ମଧ୍ୟ ମହାରାଜା ରାମଚନ୍ଦ୍ର ଦେବଙ୍କୁ ପ୍ରତିଶୃତି ଦେଇ ସୁଭଦ୍ରାଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଗଭୀର ଚିନ୍ତାରେ ନିମଗ୍ନ । କେବଳ ସୁଭଦ୍ରାଙ୍କୁ ମନ୍ଦିର ମଧ୍ୟରେ ପ୍ରତିଷ୍ଠା କରିଦେଲେ ଯେ ତାହାକୁ ଜଗନ୍ନାଥ ମନ୍ଦିର ବୋଲି କୁହାଯିବ, ସେ କଥା ନୁହଁ । ସୁଭଦ୍ରାଙ୍କ ସହିତ ଅନନ୍ତକୋଟି ବ୍ରହ୍ମାଣ୍ଡର ମହାମହୀମ ସମ୍ରାଟ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ମଧ୍ୟ ପ୍ରତିଷ୍ଠା କରିବାକୁ ପଡିବ । ପୁରାତନ ମନ୍ଦିର ମଧ୍ୟରେ ଜଗତ୍‌ଜନନୀ ମା ସୁଭଦ୍ରାଙ୍କ ମୁଖ ମଣ୍ଡଳକୁ ଚାହିଁ କେତେ କଣ ଚିନ୍ତା, କେତେ ପରିକଳ୍ପନା କରୁଛନ୍ତି ତାହା କଳ୍ପନାତୀତ । ପରଂବ୍ରହ୍ମ ଜଗନ୍ନାଥ, ଯାହାଙ୍କୁ ଆମେ ମାତା ଆଉ ପିତା ଭାବେ ଗ୍ରହଣ କରିଥାଉ, ତ୍ୱମେବ ମାତା ଚ ପିତା ତ୍ୱମେବ, ସମ୍ବୋଧନ କରାଯାଏ । ଯିଏ ଜଗନ୍ନାଥ ଓ ଯାହାଙ୍କର ଶ୍ରୀକ୍ଷେତ୍ରରେ ବିରାଜମାନ ସମ୍ବନ୍ଧୀୟ କିମ୍ବଦନ୍ତୀ ଓ ଇତିହାସ ଅଦ୍ୟାବଧି ସମାନ୍ତରାଳ ଭାବେ ଗତିକରି ଚାଲିଛନ୍ତି । ସେ ସ୍ୱୟଂ ପରଂବ୍ରହ୍ମ ହୋଇଥିବା ଯୋଗୁଁ ଏକ ସମୟରେ ମା(ରାମ ଓ କୃଷ୍ଣ ଜନ୍ମ ନୀତି ପାଳିତ ହୁଏ)ପୁଅ ହୋଇ ଜନ୍ମ ହୁଅନ୍ତି ଏବଂ ଯାହାଙ୍କର ଏ ବିରୋଧାତ୍ମକ ଲୀଳାର ଯୌକ୍ତିତତା ଗୀତାର ନବମ ଅଧ୍ୟାୟସ୍ଥ ଶ୍ଳୋକରେ (ପିତା ମହଶ୍ୱଜଗତଃ ମାତା ଧାତା ପିତାମହ)ମିଳେ । ସେହି ଜଗଜ୍ଜନନୀ ମାତା ସୁଭଦ୍ରା ଅବତରଣ କରିଛନ୍ତି କୁଜଙ୍ଗଗଡର ଏହି ସୁବର୍ଣ୍ଣ ଭୂଖଣ୍ଡରେ । (କ୍ରମଶଃ...)

# ଶ୍ରୀରାମ କଥାର ପ୍ରାସଙ୍ଗିକତା



ଶ୍ରୀ ଶ୍ୟାମା ପ୍ରସାଦ ମିଶ୍ର
ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ,
ଭଞ୍ଜନଗର, ଗଞ୍ଜାମ, ଭ୍ରମ୍ୟଭାଷ:
୯୦୯୦୫୦୭୮୫୫

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଜୀବନଗାଥା ଆମ ପାଇଁ ଏକ ଅମୂଲ୍ୟ ଆଦର୍ଶ ଓ ପ୍ରେରଣାର ଉତ୍ସ । ତାଙ୍କରି ଜୀବନଗାଥା ତଥା ଆଚରଣ ଓ ଉଚ୍ଚାରଣ ମଧ୍ୟରେ ପ୍ରଭେଦ ହୀନତା ମନୁଷ୍ୟକୁ ସତ୍ୟ, ଧର୍ମ, ନୀତି ଓ କର୍ତ୍ତବ୍ୟପରାୟଣତାର ପଥରେ ଆଗେଇ ନେବାର ପ୍ରେରଣା ଦେଇଥାଏ। ପ୍ରଭୁ ଶ୍ରୀରାମଙ୍କୁ 'ମର୍ଯ୍ୟାଦା ପୁରୁଷୋତ୍ତମ' ବୋଲି କୁହାଯାଏ, କାରଣ ସେ ଆପଣା ଜୀବନ କାଳରେ ସମସ୍ତ କ୍ଷେତ୍ରରେ ସମ୍ବନ୍ଧ ଓ କର୍ତ୍ତବ୍ୟରେ ମର୍ଯ୍ୟାଦା ରକ୍ଷା କରିଥିଲେ।

ପ୍ରଥମତଃ ଶ୍ରୀରାମଙ୍କର ଜୀବନୀ ଆମକୁ ଅଟଳ ପିତୃଭକ୍ତିର ଶିକ୍ଷା ଦେଇଥାଏ । ଦଶରଥଙ୍କ ଆଜ୍ଞା ପାଳନ କରିବା ପାଇଁ ସେ ସ୍ୱଇଚ୍ଛାରେ ରାଜ୍ୟ ଓ ରାଜସୁଖ ସବୁକୁ ଅତି ଉଦାର ହୃଦୟରେ ପରିତ୍ୟାଗ କରି ଚଉଦ ବର୍ଷ ପାଇଁ ବନବାସ ଗ୍ରହଣ କରିଥିଲେ। ମାତୃ ଦେବୋ ଭବ, ପିତୃ ଦେବୋ ଭବ – ପ୍ରମାଣ ଉପସ୍ଥାପନ କରିଛନ୍ତି । ସେ ଜୀବନ କାଳ ମଧ୍ୟରେ ମାତା କୈକେୟୀଙ୍କୁ ମଧ୍ୟ କଟୁ ଭାଷା ପ୍ରୟୋଗ କରିନାହାନ୍ତି । ଏହା ଆମକୁ ଶିଖାଏ ଯେ, ପିତାମାତାଙ୍କ ଆଦେଶ ଓ ସମ୍ମାନ ଆମ ପାଇଁ ହେଉଛି ସର୍ବୋପରି । ଦ୍ୱିତୀୟତଃ, ଶ୍ରୀରାମଚନ୍ଦ୍ର ଆମକୁ ସତ୍ୟ ଓ ଧର୍ମ ପ୍ରତି ନିଷ୍ଠାର ମାର୍ଗ ଦର୍ଶନ କରାଇଥାନ୍ତି । ସେ ସମସ୍ତ ପରିସ୍ଥିତିରେ ସତ୍ୟ ଓ ଧର୍ମର ପଥକୁ ଅନୁସରଣ କରିଥିଲେ। ବିପଦ ଓ କଷ୍ଟ ଆସିଲେ ମଧ୍ୟ ସେ କେବେ ଧର୍ମପଥରୁ ଭ୍ରଷ୍ଟ ବା ବିଚ୍ୟୁତ ହୋଇନଥିଲେ। ଏହା ଆମକୁ ସୂଚନା ଦିଏ ଯେ, ସତ୍ୟ ଓ ନ୍ୟାୟର ପଥ ହିଁ ସର୍ବଶ୍ରେଷ୍ଠ। ତୃତୀୟତଃ, ଶ୍ରୀରାମଙ୍କର ଜୀବନ ଆମକୁ ଆଦର୍ଶ ଭ୍ରାତୃତ୍ୱର ଶିକ୍ଷା ଦେଇଥାଏ । ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ସହିତ ତାଙ୍କର ସମ୍ପର୍କ ନିଃସର୍ତ୍ତ ଭଲପାଇବା, ସମ୍ମାନ ଓ ତ୍ୟାଗର ଉଦାହରଣ । ବିଶେଷକରି ଭରତଙ୍କ ତ୍ୟାଗ ଓ ରାମଙ୍କ ପ୍ରତି ତାଙ୍କର ଭକ୍ତି, ବିଶ୍ୱ ଇତିହାସରେ ଅସୀମ ଭ୍ରାତୃପ୍ରେମର ଅଦ୍ଭୁତ ଦୃଷ୍ଟାନ୍ତ । ଭାଇ ଭାଇ ମଧ୍ୟରେ ଏ ପ୍ରକାର ସହୃଦୟତା ଆଜିର ଦିନରେ ଯଦି ଗଢି ଉଠନ୍ତା, ତେବେ ସମସ୍ତ ପରିବାର ଆପେ ହସି ଉଠନ୍ତା। ଚତୁର୍ଥତଃ, ଶ୍ରୀରାମ ଏକ ଆଦର୍ଶ ପତି ଓ ନେତା ତଥା ଜନନାୟକ ଭାବେ ପରିଚିତ। ମାତା ସୀତାଙ୍କ ପ୍ରତି ତାଙ୍କର ଗଭୀର ସ୍ନେହ, ନିଃସର୍ତ୍ତ ଭଲପାଇବା ଓ ଉଚ୍ଚ ସମ୍ମାନବୋଧ ଆମକୁ ପାରିବାରିକ ଜୀବନର ମୂଲ୍ୟ ବୁଝାଏ। ପୁନଶ୍ଚ ମାତା ସୀତା ମଧ୍ୟ ଥିଲେ ପତିପ୍ରାଣା। ଅତଏବ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ ତାହା ଚମତ୍କାର ଢଙ୍ଗରେ ପରିବେଷିତ: ଜୀବନେ ନ ପାରିଲେ ମୋତେ ମରଣେ, ପାଦୁକା କରିଦେବ ତବ ଚରଣେ ଏବଂ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ମୁଖ ରେ ମଧ୍ୟ ତାହା ଚମତ୍କାର ଢଙ୍ଗରେ ପ୍ରକାଶିତ: ଜୀବ ଯଦି ଭାସୁଥାଏ ସଂସାର ସାଗରେ, ତରିବାର ଆଶା ଥାଏ ବନିତା ନାବରେ। କି ଅତୁଟ ସ୍ନେହର ବନ୍ଧନ ଥିଲା ଉଭୟଙ୍କ ମଧ୍ୟରେ। ଏ ଭଳି ବନ୍ଧନ ଆଜିର ସମାଜରେ ପ୍ରାୟତଃ ଅଦୃଶ୍ୟ। ଆଜି ଜାୟା ଓ ପତି ମଧ୍ୟରେ ନାହିଁ ସେହି ନୈସର୍ଗିକ ପ୍ରେମ, ଯାହା ଫଳରେ ବିବାହ ବିଚ୍ଛେଦ ସଂଖ୍ୟା ବଢ଼ି ଚାଲିଛି। ଜାୟା ଓ ପତି ( ଦମ୍ପତି) ପରସ୍ପରର ଆଜି କାୟାର ଛାୟା ନ ହୋଇ ଉଭା ହୋଇଛନ୍ତି ମାୟା ରୂପେ ଏବଂ ସମସ୍ତେ ଏ ମାୟାରେ ବାୟା ହୋଇ ଯାଇଛନ୍ତି। ଗୋଟିଏ ଛାତ ତଳେ ରହି ବି ଜଣେ ଅନ୍ୟ ଜଣଙ୍କ ପ୍ରତି ସମର୍ପିତ ନୁହନ୍ତି। ପରସ୍ପର ମଧ୍ୟରେ ନାହିଁ ସେହି ନୈସର୍ଗିକ ପ୍ରେମ, ଶାଶ୍ୱତ ସମ୍ପର୍କ, ନିଃସ୍ୱାର୍ଥପର ଭାବନା ଓ ସମର୍ପଣ। କିନ୍ତୁ ତ୍ୟାଗ ଓ ସମର୍ପଣ ହିଁ ସମ୍ପର୍କକୁ କରିଥାଏ ମହତ୍ତର, ଗରୀୟାନ। ଆଜି ଦାମ୍ପତ୍ୟ ପ୍ରେମରେ ଭଟ୍ଟା ପଡ଼ିଯାଇଛି, ଅନେକେ ନିଜ ବୈବାହିକ ସମ୍ବନ୍ଧ ବାହାରେ ତୃତୀୟ ବ୍ୟକ୍ତି ସହ ଶ୍ୱାନ-ଲୀଳା ସମ୍ପର୍କରେ ମଶଗୁଲ୍। ଯା ଫଳରେ ଦାମ୍ପତ୍ୟ ଜୀବନ ଦୁଃଖମୟ ହେବା ସହ ପାରିବାରିକ ଜୀବନ ବିଖଣ୍ଡିତ ଏବଂ ସନ୍ତାନ ସନ୍ତତି ଅବହେଳିତ। ପୁନଶ୍ଚ ଏକ ରାଜା ଭାବେ ସେ ପ୍ରଜାଙ୍କ ହିତକୁ ସର୍ବାଗ୍ରେ ରଖିଥିଲେ, ଯାହା ଆମକୁ ନିଷ୍ଠାପୂର୍ଣ୍ଣ ତଥା ତ୍ୟାଗପୂତ ନେତୃତ୍ୱର ମୂଲ୍ୟ ଶିକ୍ଷା ଦିଏ।

ପଞ୍ଚମତଃ, ଶ୍ରୀରାମଙ୍କ ଜୀବନୀ ଆମକୁ ସହନଶୀଳତା ଓ ଧୈର୍ଯ୍ୟର ଶିକ୍ଷା ଦିଏ। ବନବାସ ସମୟରେ ଅନେକ କଷ୍ଟ ଯାତନା ସହି ମଧ୍ୟ ସେ ଧୈର୍ଯ୍ୟ ହରାଇନଥିଲେ। ଏହା ଆମକୁ ପ୍ରେରଣା ଦିଏ ଯେ, ଜୀବନରେ ଆସୁଥିବା କଠିନ ପରିସ୍ଥିତି ଗୁଡ଼ିକୁ ଆମେ ସାହସ ଓ ଧୈର୍ଯ୍ୟର ସହିତ ମୁକାବିଲା କରିବା ଉଚିତ। ପ୍ରଭୁ ଶ୍ରୀରାମଙ୍କର ଜୀବନ ଆମକୁ ଦୟା, କ୍ଷମା ଓ ମାନବତାର ଶିକ୍ଷା ଦେଇଥାଏ। ସେ ସବୁବେଳେ ଶତ୍ରୁମାନଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦେଇଥିଲେ ଓ ଧର୍ମ ଅନୁସାରେ ବ୍ୟବହାର କରିଥିଲେ। ଲଙ୍କେଶ ରାବଣଙ୍କୁ ମଧ୍ୟ ସେତୁବନ୍ଧ ପ୍ରତିଷ୍ଠା ନିମିତ୍ତ ବରଣ କରିବା ସହ ଦକ୍ଷିଣା ପ୍ରଦାନ ମଧ୍ୟ କରିଥିଲେ। ଏହା ଆମକୁ ଶିଖାଏ ଯେ, ମନୁଷ୍ୟତା ଓ ସହାନୁଭୂତି ହିଁ ସର୍ବଶ୍ରେଷ୍ଠ ଗୁଣ। ଶ୍ରୀରାମଚନ୍ଦ୍ରଙ୍କର ଜୀବନ ଗାଥା ତେଜୋଦୀପ୍ତ ପ୍ରଦୀପର ଏକ ଅନିର୍ବାଣୀୟ ଜ୍ୟୋତିଶିଖା , ଯାହା ଆମକୁ ନୀତି, ଧର୍ମ ଓ ଆଦର୍ଶର ଆଲୋକ ବର୍ତ୍ତିକା ଦେଖାଏ। ଯଦି ଆମେ ତାଙ୍କରି ଜୀବନରୁ ମିଳୁଥିବା ଶିକ୍ଷାକୁ ଅନୁସରଣ କରିବା, ତେବେ ଏକ ସୁନ୍ଦର, ମାନବବାଦୀ ଓ ସୁସଂଘଠିତ ସମାଜ ଗଢ଼ି ପାରିବା, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

# ସର୍ବ ହୃଦୟ ରମଣକାରୀ - ମର୍ଯ୍ୟାଦାପୁରୁଷୋତ୍ତମ 'ଶ୍ରୀରାମଚନ୍ଦ୍ର'



କୁନଲତା ତ୍ରିପାଠୀ
କଟକ ,
ଫୋନ ୮୩୩୯୦୫୧୧୭୩

ସୃଷ୍ଟି ସ୍ଥିତି ପ୍ରଳୟର କର୍ତ୍ତା ପ୍ରଭୁ ଇଚ୍ଛାମୟ ପରମେଶ୍ୱଙ୍କ ସଙ୍କଳ୍ପିତ ଏ ମଧୁମୟ ସୃଷ୍ଟିରେ ଯେତେବେଳେ ଅଧର୍ମର ପ୍ରାଦୁର୍ଭାବ ବଢିଛି, ପ୍ରଭୁ ଯୁଗେ ଯୁଗେ ଅରୂପରେ ସ୍ୱରୂପଟିଏ ଧାରଣକରି ଧରାବତରଣ କରିଛନ୍ତି । ତ୍ରେତୟା ଯୁଗରେ ରାକ୍ଷସ ରାବଣର ପ୍ରାଦୁର୍ଭାବରେ ମାତା ଧରିତ୍ରୀ ବିଦିର୍ଣ୍ଣ, ଜୀବ ଜଗତକୁ ଧାରଣକାରବାର ଶକ୍ତି ତାର କ୍ଷୁନ୍ନ । ଦେବ – ମାନବ ଅନ୍ୟାୟ ଅତ୍ୟାଚାରରେ ପ୍ରପୀଡିତ । ଧର୍ମ ରକ୍ଷା, ଅଧର୍ମର ବିନାଶ, ସାଧୁ –ସନ୍ଥମାନଙ୍କ ପରିତ୍ରାଣ ତଥା ତ୍ରାହି ତ୍ରାହି ଡାକୁଥିବା ଏ ସମଗ୍ର ସୃଷ୍ଟିର ଆନନ୍ଦ ବର୍ଦ୍ଧନକରିବା ପାଇଁ ପ୍ରଭୁ ନର କଳେବର ଧାରଣକରି ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ସ୍ୱରୂପରେ ସ୍ୱୟଂ ପ୍ରକାଶିତ ହୋଇଛନ୍ତି ।

ଆଶ୍ଚର୍ଯ୍ୟ ଚକିତ ହେଉଛନ୍ତି ମାତା କୌଶଲ୍ୟା । ଚତୁର୍ଭୁଜଧାରୀ ସ୍ୱୟଂ ନାରାୟଣ ତାଙ୍କ ମନ୍ଦିରରେ ଆବିର୍ଭୂତ । ଯାହାଙ୍କୁ ଦର୍ଶନ କରିବା ପାଇଁ ଯୋଗୀମାନଙ୍କର ଯୁଗ ବିତିଯାଏ, ଆଜି ମାତାଙ୍କୁ ଦର୍ଶନଦେଇ ତାଙ୍କ ପୂର୍ବା ଭିଳାଷ ପୂର୍ଣ୍ଣକରି କୃତାର୍ଥକରୁଛନ୍ତି ତାଙ୍କୁ ପ୍ରଭୁ । ଋତୁରାଜ ବସନ୍ତର ରାଜତ୍ୱ । ଚୈତ୍ର ମାସ (ମଧୁମାସ), ଶୁକ୍ଳପକ୍ଷ, ତିଥି –ନବମୀ, ନକ୍ଷତ୍ର- ପୁନର୍ବସୁ (ଅଭିଜିତ ), ରାଶି – କର୍କଟ, ଲଗ୍ନ – ସିଂହ, ଯୋଗ –ପ୍ରୀତି, ସମୟ-ଦିବସର ମଧ୍ୟ ଭାଗ । ମନ୍ଦ ମନ୍ଦ ବହୁଛି ମଳୟ । ମଧୁରେ ବିଭୋର କରି ସର୍ବ ଶୋଭାର ଆଧର, ସର୍ବ ସମର୍ଥ, ସର୍ବ କାରଣର କାରଣ, ଅନେକ କାରଣକୁ ଚରିତାର୍ଥକରି କରୁଣାନିଧାନ ସ୍ୱୟଂ ଭଗବାନ ପ୍ରକଟିତ । ଶ୍ୟାମଳ ସୁନ୍ଦର ଶୋଭାଯୁକ୍ତ ସୁଗଠିତ ଦିବ୍ୟ ଅଙ୍ଗ –ଅବୟବ। ଦର୍ଶନମାତ୍ରକେ ସର୍ବ ସୁଖଧାମ ପ୍ରଦାନକାରୀ । ଦିନେ ମହାରାଜା ମନୁ, ମହାରାଣୀ ଶତରୂପା ଅଭିଳାଷ କରିଥିଲେ ଭଗବାନଙ୍କ ଭଳି ପୁତ୍ର ପ୍ରାପ୍ତି ହେବା ପାଇଁ । ଜନ୍ମ ଜନ୍ମାନ୍ତରର ତପସ୍ୟା ଆଜି ସଫଳ ହୋଇଛି । ସୂର୍ଯ୍ୟବଂଶୀ ମହାରାଜ ଦଶରଥ, ମହାରାଣୀ କୌଶଲ୍ୟାରୂପେ ସେମାନେ ଆଜି ସ୍ୱୟଂ ଭଗବାନଙ୍କୁ ପୁତ୍ରରୂପେ ଲାଭ କରିଛନ୍ତି । ଅରୂପ ଧାରଣ କରିଛନ୍ତି ସ୍ୱରୂପ । ଯେଉଁ ଅଜନ୍ମା ସମଗ୍ର ସୃଷ୍ଟିର ଜନ୍ମଦାତା, ଯେ ସକଳ ଗୁଣରହିତ, ସେ ସର୍ବଗୁଣ ସମ୍ପନ୍ନ ହୋଇ ଜଗତ କଲ୍ୟାଣ ପାଇଁ ଯୁଗାବତାରୀ ରୂପେ ଜନ୍ମ ନେଇଛନ୍ତି। ଆନନ୍ଦ ସାଗର ପ୍ଲାବିତ କରିଛି ଅଯୋଧ୍ୟାପୁରିକୁ । ବିମୋଦିତ ବ୍ରହ୍ମାଣ୍ଡ । ରାମ ଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସଙ୍କ ଲେଖନୀରେ – 'ଇଷ୍ଟଦେବ ମମ ବାଳକ ରାମା , ଶୋଭା ବପୁଷ କୋଟିଶତକାମା' । ଶୋଭାସ୍ଥଳ ଭଗବାନଙ୍କର ସେଇ ଶିଶୁରୂପର ସର୍ବ ଅବୟବରେ ଫୁଟିଉଠୁଛି ଅନନ୍ତ ଶୋଭା । ବିମୋହିତ ମାତା କୌଶଲ୍ୟା । ବିମୋଦିତ ପୁର-ପରିଜନ । ଯେଉଁ ଅନୁପମ ଶୋଭାମୟ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନକରି ଦିନେ ରାଜର୍ଷି ବିଦେହୀ ଜନକ ଦେହବିସ୍ମୃତ ହୋଇପଡିଛନ୍ତି, ବ୍ରହ୍ମାନନ୍ଦରୁ ପ୍ରେମାନନ୍ଦ ଆହରଣ କରିଛନ୍ତି, ବନବାସ ସମୟରେ ଯେଉଁ ରୂପକୁ ଦର୍ଶନକରି ଦଣ୍ଡକାରଣ୍ୟର ମୁନି-ଋଷିମାନେ ତାଙ୍କ ଅଙ୍ଗ –ସଙ୍ଗ ଲାଭ କରିବା ପାଇଁ ଉଦ୍‌ବେଳିତ ନୀରବ ଅଭିଳାଷ ପୋଷଣକରିଛନ୍ତି, ଅବର୍ଣ୍ଣନୀୟ ତାଙ୍କ ଚରିତ୍ର, ବଖାଣିବାକୁ କିଏ ବା ସମର୍ଥହୋଇପାରିବ । 'ରାମ ନାମ ସୁମରିତ ଏକ ବାରା, ଉତର ହିଁ ନର ଭବ ସିନ୍ଧୁ ଆପାରା' । ଯାହାଙ୍କର ନାମର ମହିମା ଏତେ ଗରୀୟାନ, ସେ କେତେ ମହାନ, ସୀମିତ ଚିନ୍ତା- ଚେତନା ଚଉହଦୀରେ ସାମାନ୍ୟ ମନୁଷ୍ୟ ସେଇ ଅନନ୍ତ ମହିମାମୟଙ୍କୁ କେମିତି ବା ବର୍ଣ୍ଣନା କରିପାରିବ ।

ତିନି ମାତା କୌଶଲ୍ୟା, କୈକେଇ ଓ ସୁମିତ୍ରାଙ୍କ ଗର୍ଭରୁ ଜନ୍ମନେଇଛନ୍ତି ଚାରି ପୁତ୍ର – ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ । ବାତ୍ସଲ୍ୟ ମମତାର ପ୍ରାବଲ୍ୟ । ପିତା ଦଶରଥଙ୍କ ନିର୍ଦ୍ଦେଶରେ ଉତ୍ସବମୁଖର ଅଯୋଧ୍ୟାନଗରି । ସରଜୁ ନଦୀର ଜଳ କଳକଲ୍ଲୋଳିନୀ । ଗୁରୁ ବ୍ରହ୍ମର୍ଷି ବଶିଷ୍ଠଙ୍କ ଦ୍ୱାରା ନାମ କରଣକରାଯାଇଛି। ଯିଏ ସର୍ବ ହୃଦୟରେ ରମଣକରନ୍ତି ସେ ହିଁ ତ ରାମ । ସର୍ବ ଗୁଣସମ୍ପନ୍ନ ହୋଇଥିବାରୁ ଲକ୍ଷ୍ମଣ । ଭାତୃପ୍ରେମର ଭବ୍ୟ ନିର୍ଦ୍ଦଶନ ଭରତ । ଶତ୍ରୁବିନାଶ କରିବାକୁ ସକ୍ଷମ ହୋଇଥିବାରୁ ଶତ୍ରୁଘ୍ନ । ଯିଏ ଅନନ୍ତ ନାମଧାରୀ ସେହି ମର୍ଯ୍ୟାଦାପୁରୁଷୋତ୍ତମ ନରଲୀଳା ପ୍ରସଙ୍ଗରେ ଶ୍ରୀରାମ ଚନ୍ଦ୍ର ନାମରେ ନାମିତ। ପ୍ରତି କ୍ଷେତ୍ରରେ ମର୍ଯ୍ୟାଦା ରକ୍ଷାକରୁଥିବାରୁ- ମର୍ଯ୍ୟାଦାପୁରୁଷୋତ୍ତମ ।

ରାମାବତାର ଭଗବାନଙ୍କର ଦଶ ଅବତାର ମଧ୍ୟରୁ ସପ୍ତମ ଅବାତର । ଅଭିଶପ୍ତ ଦ୍ୱାରପାଳ ଜୟ ବିଜୟ, ରାକ୍ଷସ ପ୍ରବୃତ୍ତି ନେଇ ଜନ୍ମିତ ରାବଣ କୁମ୍ଭକର୍ଣ୍ଣଙ୍କୁ ମୁକ୍ତି ଦେବାପାଇଁ, ମୁନି ନାରଦଙ୍କର ଅଭିଶାପକୁ ମୁଣ୍ଡପାତି ଗ୍ରହଣକରି ନର-ବାନରଲୀଳାକରିବାକୁ ପଡିଛି ପ୍ରଭୁଙ୍କୁ । ଦୁରାଚାରୀ ରାବଣ, କୁମ୍ଭକର୍ଣ୍ଣ , ଖର, ଦୂଷଣ ଇତ୍ୟାଦି ରାକ୍ଷସମାନଙ୍କର ବିନାଶ ଘଟିଛି । ପ୍ରଭୁଙ୍କର ବରଦ ହସ୍ତରେ ଭକ୍ତ ବିଭୀଷଣ ସ୍ୱର୍ଣ୍ଣଲଙ୍କାର ରାଜସିଂହାସନରେ ଅଭିଷିକ୍ତ ହୋଇଛନ୍ତି । ଏହି ପବିତ୍ର ଦିବସରେ ମାତୃଶକ୍ତି ଉପାସନାର ନିଦର୍ଶନ ସ୍ୱରୂପ ବାସନ୍ତିକ ଦୂର୍ଗାପୂଜା-ନବରାତ୍ର ଉପାସନାର ଏହା ଶେଷ ଦିନ ମାତା ସିଦ୍ଧିଦାତ୍ରୀଙ୍କର ପୂଜା ।

ରାମ ରାଜ୍ୟ ପ୍ରତିଷ୍ଠା ହେଉ । ଜାତି, ଧର୍ମ, ବର୍ଣ୍ଣ ତଥା ସ୍ଥାନ, କାଳ ପାତ୍ର ନିର୍ବିଶେଷରେ ସମସ୍ତଙ୍କ ମନ ହୃଦୟରେ ସ୍ୱୟଂ ଭଗବାନ ରାମଚନ୍ଦ୍ର ରମଣ କରନ୍ତୁ । ପ୍ରଭୁଙ୍କ ଚରିତ୍ର ଆଚରଣୀୟ ହେଉ । ବିଭୀଷିକାମୟ ସାମ୍ପ୍ରତିକ ପରିବେଶ ଓ ପରିସ୍ଥିତିରେ କେଉଁ ମୁହୂର୍ତ୍ତରେ ଏ ପୃଥିବୀ ମାତା ବିକଳାଙ୍ଗ ହୋଇଯିବ କିଏ କହିବ ? ଉଦାର ହୃଦୟରେ ପାବନ ରାମ ନବମୀ ପାଳନ ମଙ୍ଗଳମୟ ଅବସରରେ ବିଶ୍ୱବାସୀ ରାମଙ୍କ ଚରିତ୍ର ଅବଗତ ହୁଅନ୍ତୁ ଓ ସର୍ବ କଲ୍ୟାଣ ପାଇଁ କାୟ, ମନ ଓ ବାକ୍ୟରେ ପ୍ରଚେଷ୍ଟିତ ରହି ରାମରାଜ୍ୟ ପ୍ରତିଷ୍ଠା ପାଇଁ ନିଜ ଭିତରେ ବସୁଧା ଏକ ପରବାର ମଣି କାର୍ଯ୍ୟ କରନ୍ତୁ । ଭବ୍ୟ 'ରାମନବମୀ ବ୍ରତ ତଥା ଉତ୍ସବ ପାଳନ ସମସ୍ତଙ୍କ ପାଇଁ ଶୁଭଙ୍କର ତଥା କଲ୍ୟାଣମୟହେଉ ଏହା ହିଁ ପ୍ରଭୁ ଶ୍ରୀରାମଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଅପେକ୍ଷା କରିଥିବା ଈଶ୍ୱର

**ସ୍ନିଗ୍ଧା ପଣ୍ଡା**

ନିଜ ଭିତରେ ନିଜକୁ ଅପେକ୍ଷା କରିଥିବା ଈଶ୍ୱର
ବହି ଯାଆନ୍ତି ଯନ୍ତ୍ରଣା ଆଉ ରକ୍ତ ସହ
ବିଶ୍ୱାସକୁ ପୋଛୁଥିବା ଖଣ୍ଡିଆ ହାତକୁ
ଟେକି ଦିଅନ୍ତି ଉପରକୁ
ଦୁର୍ଘଟଣାରେ ଛଟପଟ ହେଉଥିବା
ଜୀବନର ଫଟୋ ଉଠାଉଥିବା
ଭିଡ଼ର କ୍ୟାମେରା ଲେନ୍ସରେ
ମୁହଁ ଲୁଚାନ୍ତି ଫୁଙ୍ଗୁଳା ଲାଜ ଘୋଡେଇବାକୁ
ଦେଇ ପାରିନଥିବା କନା ଖଣ୍ଡକରେ ।।

ନିଜ ଭିତରେ ନିଜକୁ ଅପେକ୍ଷା କରିଥିବା ଈଶ୍ୱର
ମିଛ ଲୁହର ପାଣି ଲଗେଇ
ପୃଥିବୀର ସବୁ ନାଟକ ବାଜି ପରେ
ନିଜର ହିଁ ରଙ୍ଗ ଛଡାନ୍ତି
କାହାକୁ ହେଲେ ଦୁଃଖ କହିଦେଲେ
ସନ୍ତୁଳି ହେବା କିଛି କମିଯିବ ବୋଲି
ହୃଦୟଟିଏ ଖୋଜିବାର ବାହାନା କରନ୍ତି
ଏ ପଟେ ଚନ୍ଦ୍ର ଫୁଲୁଥାଏ ସମୁଦ୍ର ସାଙ୍ଗରେ
ଜୁଆର ସହ ସେ ନିଜ ଅଥଳତା ଭିତରକୁ
ଟାଣି ହେଇଯାଉଥାନ୍ତି ।।

ନିଜ ଭିତରେ ନିଜକୁ ଅପେକ୍ଷା
କରିଥିବା ଈଶ୍ୱର
ଚମକି ପଡନ୍ତି କେବେ କେବେ ଖବର ଭିତରେ
ଭାତରେ ତୁଟୁ ନ ଥିବା ଭୋକର
ଆୟତନ ଦେଖି
ଆଁ କରିଥିବା ମାଟିରେ
ଫାଟି ପଡିଥିବା ପିଠିରେ
ଆସ୍ଥା ହରେଇଥିବା ପ୍ରତ୍ୟୟରେ
ଫିଟି ପଡିଥିବା ମାଂସ ପୁଡାକରେ
ଲୋଭ ଝରୁଥିବା ଆଖିରେ
ଅକର୍ମଣ୍ୟ ହିଁ ପାଲଟି ଯାଆନ୍ତି ।।
ନିଜ ଭିତରେ ନିଜକୁ ଅପେକ୍ଷା
କରିଥିବା ଈଶ୍ୱର
ଏବେ କିମ୍ବଦନ୍ତୀର ନାୟକ
ଶିରାଳ ହାତମାନଙ୍କର
ଅବଶିଷ୍ଟ ଆସ୍ଥାର
ବିକଳ୍ପ ପାଇ ନ ଥିବା
ବିସ୍ଫୋଟହୀନ ବିକଳ ଆତ୍ମାର
ପ୍ରାର୍ଥନାରେ ଯାହାର ହେଉଥାଏ
ଅଭିଷେକ ।।


ଲହଣ୍ଡା, ବରଗଡ
ମୋ-୯୮୬୧୩୨୩୬୫୦


## ଜୀବନର ନଈ

**ଦୀପକ କୁମାର ମିଶ୍ର**

ସମ୍ବେଦନାହୀନ ସୁପ୍ତ ନଈଧାରେ ହୋଇଛି ଆଜି ମୁଁ ଠିଆ
ବିନା ଆହୁଲାରେ ବୋହିଯାଏ ମୋର ଜୀବନର ଟିକି ନାଆ
ବିହିର ଠିକଣା ଖୋଜି ତ ପାଏନା ଜୀବନ ଯମୁନା କୂଳେ
କୁଳୁକୁଳୁ କାଳ ଶବଦ ଶୁଭୁଛି ବଟୀଘର କାହିଁ ମିଳେ ।।

ନିଜେ ନଈ ହୋଇ ବୋହିବାକୁ ଇଚ୍ଛା ନାଉରିଆ ବେଶ ଛାଡ଼ି
ଅକାତ କାତର ଅକାଟ୍ୟ ବୁଡ଼ାଣ ବିପଦ ଆସୁଛି ମାଡ଼ି
ଅଳସୀକନ୍ୟାର କଳସୀ ପୁରେନା ତୃଷ୍ଣା ବିତୃଷ୍ଣା ହୁଏ
ଅଲାଜୁକ ମୁହିଁ ଛାତିରେ କଳିଜା କିମ୍ପିରିଣୀ ମୁହାଁ ହୁଏ ।।

ଦଇବ ଘାଣ୍ଟୁଛି ମଝି ଦରିଆରେ ଦୁଃଖ ଝଡ଼ ରୂପେ ବହେ
ସମୁଦ୍ର ମୁହାଣ ଦୁରେଇ ଯାଉଛି ସଙ୍ଗମ ସପନ ହୁଏ
ନଈ ଓ ନାଉରୀ ଏକାଠି ମିଶନ୍ତି ଅସ୍ତିତ୍ୱର ଛାଇ ତଳେ
ନଉକାବିହାର ନେତି ନେତି ଛଳେ ନିନାଦିତ କଳେବଳେ ।।

ଜୀବନର ନଈ ଅସାମାନ୍ୟ ସୁଅ କେବେ ଢାଲୁ କେବେ ଢ଼େପ
ମରିଗଲେ ଆଶା ଅଶାନ୍ତ ମନରେ କେଉଁ ଲାଭ ଭାଳି ପାପ ।।

## ଯୁଦ୍ଧ

**ସୁଜିତ କୁମାର ମିଶ୍ର**

ବିଶ୍ୱାସ କରୁନା ଯୁଦ୍ଧ ବିଭିଷିକା ବୈଭବ ଆମର ପ୍ରେମ,
ଛାତି ଅଗଣାରେ ଲେଖୁଥାଉ ନିତି ଚିରକାଳ କାହା ନାମ।
ଦୁର୍ବଳ ନୁହଁଇ ଆମର ସହଣୀ ଦୁର୍ବାର ଆମରି ସ୍ୱର,
ବନ୍ଧୁ ହୋଇପାରୁ ହୃଦୟରୁ ପୁଣି ବନ୍ଧୁକ ରଣ ହୁଙ୍କାର ।

ମାନବବାଦର ଗୀତ ହୁଏ ଯେବେ ମଉଳା ଫୁଲର ବାସ,
ଲୁହ ସହ ଝରେ ଲୁହାର ଶକତି ଅଦମ୍ୟ ଲଢୁଆ ଶ୍ୱାସ।
କରୁଣା ବି ଏଠି ମିଠା ନିର୍ଝରିଣୀ କର୍ମ କୁରୁକ୍ଷେତ୍ର ନାଦ,
ଯହିଁ ଆତଙ୍କୀର ଶବ୍ଦେ ଲେଖାହୁଏ ଯାତନାର ଭେଦଭାବ ।

ଅଧିକାର ଆମ ସ୍ୱର୍ଗସୁଖ ଶେଜ ଆସୁରିକ ଶକ୍ତି ବିନା,
ଚେହେରା ଆମର ଗଗନ ସୁଖରେ ଚିରକାଳ ଆନମନା ।
କଳା ସଂସ୍କୃତିର ଅପୂର୍ବ ମାଟିରେ କଳାରାତି ଯେବେ ଆସେ,
ଏକ ହୁଏ ଏଠି ଅନେକର ତାତି ଅନୁରାଗ ଚଉପାଶେ ।

ଜଳି ଜଳି ଆମେ ହେଉ ଯେ ପାଉଁଶ ଜାଳୁ ଆତଙ୍କୀଙ୍କ ଆଡା,
ଜହ୍ନରାତି ପାଇଁ ଜୀବନେ ଆମର ଯୁଦ୍ଧଗୀତି ପରା ଲୋଡା ।


ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ଫୋନ : ୭୬୮୩୮୬୭୭୪୨


## ତୁମ ସ୍ମୃତି

**ରମାକାନ୍ତ ଦାସ**

ପ୍ରୀତିର ପରିଧି ଭିତରେ
ମୋ ହୃଦୟ ସିନ୍ଦୁକରେ
ମୁଁ ସାଇତିଛି ତୁମ ସ୍ମୃତିକୁ
ତୁମ ସ୍ମୃତିର ବିରହ ଜ୍ୱାଳାରେ
ମୁଁ ନିତି ଜାଳୁଥାଏ ନିଜକୁ ।।

ତୁମ ପ୍ରୀତି ଝରା ସ୍ମୃତି
ସାଇତି ରଖିଛି
ମୋ ହୃଦୟ ଫରୁଆରେ
ତୁମ ଅଭୁଲା ସ୍ମୃତିକୁ ହୃଦୟ ଝୁରୁଛି
ଝୁରିହୁଏ ନିରନ୍ତରେ ।।

ମୋ ମିଠା ଭାବନାରେ
ମନେପଡ ତୁମେ
ଶିହରୀ ଉଠେ ମୋ ହୃଦୟ
ତୁମ ଭାବନାରେ ନିଜକୁ ଜାଳଇ
ଓଠ ପିଇଯାଏ ଆଖି ଲୁହ ।।

କେବେ ଛୁଇଁଯାଅ ତୁମେ
ଶୀତଳ ଛୁଆଁରେ
ଉଜ୍ଜୀବିତ କରିଦିଅ କେତେ ଭାବନା
ଚାଲିଯାଅ ତୁମେ ବର୍ଷା ଛିଟା ପରି
ତୁମବିନା ମୁଁ ରହି ପାରେନା ।।

ତୁମ ମଧୁର ସ୍ମୃତିରେ
ଓଠ ଧାରେ ମୋର
ନିତି ଫୁଟଇ ହସ
ତୁମ ଅପେକ୍ଷାରେ ବିତିଯାଏ ଦିନ
ବିତିଯାଏ ବର୍ଷ ମାସ ।।

ତୁମ ପ୍ରେମର ପହିଲି ଶ୍ରାବଣେ
ମନ ଭିଜୁଥାଏ
କିବା ଦିନ କିବା ରାତି
ମୋ ନିରୀହ ହୃଦୟ ଖୋଜୁଥାଏ ନିତି
ତୁମରି ଅଭୁଲା ସ୍ମୃତି ।।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯


## ଆଖିରେ ତ ମୋର ଶ୍ରାବଣର ଧାରା

**ହରିଶ୍ଚନ୍ଦ୍ର ବେହେରା**

ଆଖିରେ ତ ମୋର ଶ୍ରାବଣର ଧାରା
ମନ ସାରା ମରୁ ବାଲି
ହୃଦୟ ଭିତର ମମତାର ଝର
ଏବେ ଲାଗେ ଖାଲି ଖାଲି ।।

ପରାଣ ପିତୁଳା ଲୁଚେଇ କାନ୍ଦୁଛି
ଶୁଭେ ଖାଲି କଇଁ କଇଁ
କିଏ ଜଣେ ଆସି ମୋତେ ଛୁଇଁ ଦେଇ
ବହିଯାଏ ନଈ ହୋଇ
କାହା ଆସିବାକୁ ଚାହିଁ ମୁଁ ବସିଛି
ହୃଦୟ ଦୁଆର ଖୋଲି ।।

କାହା ଲାଗି ପ୍ରାଣ ଝୁରି ହୁଏ ନିତି
କାନ୍ଦେ ମୋ ମନ ମୟୂରୀ
ଆସ ଆସ ମୋର ହୃଦୟ ଦେବତା
ବଜାଇ ମଧୁ ବାଂଶୁରୀ
କେଉଁଠୁ ଶୁଭୁଛି ତୂରୀ ସାହାନାଇ
ମିଳନ ବେଦୀ ତ ଖାଲି ।।

ଶେଷ ନିଃଶ୍ୱାସ ଥିବା ଯାଏ ପ୍ରିୟ
ତୁମ ବାଟ ଚାହିଁ ଥିବି
ଯଦି କେବେ ଆସ ଆଖିର ଲୁହରେ
ତୁମ ପାଦ ପଖାଳିବି
କିଏ ବା ବୁଝିବ ତୁମ ବିନା ପ୍ରିୟ
ମୋହରି ଅଝଟ ଅଳି ।।


କଲ୍ୟାଣ ନଗର, ବାଲେଶ୍ୱର - ୧
ମୋ -୯୪୩୭୮୧୩୭୦୮


## ନୂତନ ବର୍ଷର ନୂଆ ସକାଳ

**ଡ. ସନ୍ତୋଷ କୁମାର ପଣ୍ଡା**

ନବ ବର୍ଷର ନୂଆ ସକାଳ,
ଆଣୁ ଖୁସିର ଜୁଆର,
ଆଜିର ଏହି ଶୁଭ ମୁହୂର୍ତ୍ତେ
ଖୋଲୁ ପ୍ରଗତିର ଦ୍ୱାର ।
ହିନ୍ଦୁ ଜାତିର ନବ ବରଷ,
କାଳ ଗଣନା ପ୍ରାଚୀନ,
ନୂଆ ଘଟ ଆମ୍ବ ତୋରଣରେ
ସ୍ୱାଗତ ବର୍ଷ ନୂତନ।
ଅନେକ ଶୁଭ କାର୍ଯ୍ୟ ଆରମ୍ଭ
ଚୈତ୍ର ଶୁକ୍ଳ ପ୍ରତିପଦ,
ଧରଣୀ ମାତା ହସୁଛି ଆଜି,
ଛାଡିଣ ସବୁ ବିଷାଦ ।



ଗୁଡ଼ି ପଡ଼ୱା , ଉଗାଦି ପର୍ବ,
ନବରାତ୍ର ତ ଆରମ୍ଭ,
ଭାରତୀୟ ଏ ସଂସ୍କୃତି ଆମ,
ବିଶ୍ୱେ ଦେଖ ଅନୁପମ ।।
ବସନ୍ତର ଏ ମୃଦୁ ମଳୟ,
କହେ ଯେ ନୂତନ କଥା,
ବିଜୟ ପତାକା ଉଡୁ ଆକାଶେ,
ନଇଁବ ନାହିଁରେ ମଥା ।
ନିମ୍ବ ପତ୍ରର ପିତା ସାଙ୍ଗକୁ,
ଗୁଡ଼ର ମଧୁର ସ୍ୱାଦ,
ସୁଖ ଦୁଃଖରେ ସାଥିରେ ଥିବା
ମେଣ୍ଟାଇ ଦେଇ ବିବାଦ ।।
ସୃଷ୍ଟି ଆରମ୍ଭ ପବିତ୍ର କ୍ଷଣ,
ବ୍ରହ୍ମାଜୀଙ୍କ ଆଶୀର୍ବାଦ,
ସଜେଇ ହୋଇ ପ୍ରକୃତି ରାଣୀ
ସଭିଙ୍କୁ କରେ ଆହ୍ଲାଦ।
ସମସ୍ତଙ୍କ ପାଇଁ ଶୁଭ ହେଉ
ଏହି ନୂଆ ସଂବତ୍ସର,
ଶାନ୍ତି, ମୈତ୍ରୀ, ପ୍ରୀତି ଭରିଯାଉ
ଏ ସମଗ୍ର ଚରାଚର ।।


କଟକ।


## କାହା ହାତରେ ସମୟ ଅଛି

**ଅନସୂୟା ପଣ୍ଡା**

ଘରଟାଏ ଗଢି ଦେବା ପରେ ଶ୍ମଶାନ ଧାରରେ
କଡ଼ ଲେଉଟେଇ ଜିଇଁବାକୁ ପଡେ ସମୟ ସାଙ୍ଗରେ
ସହିବାକୁ ପଡେ ନିଆଁର ଧାସ ଶୁଙ୍ଘି ଅଜବ ଗନ୍ଧ
ନିଇତି ଦେଖେ ମଣିଷ କେତେ ବିବଶ ଜୀବନ୍ମୃତ
କେହି ଏଠି ନୁହେଁ କାହାର କି କିଛି ନୁହେଁ ସ୍ଥିର।




ମୋହର ମହୁଫେଣାରେ ଗଢାହୁଏ ଉଆସ
ପିଇବାକୁ ପଡେ ବେଳ ଅବେଳରେ ଗରଳ
ଅଭୁକ୍ତ ଦାନ୍ତରେ କାମୁଡି ଅବସୋସ
ସଂଘର୍ଷର ପିଠିରେ ଚଢି ଆଶଙ୍କିତ
ଯୋଗାଡିବାକୁ ହେବ ଜୀବନ ଅମୃତ।

ବତୁରିବାକୁ ପଡେ ଲୁଣ ରାଗ ଗୁଡ଼ରେ
ତିଆରି ହୁଏ ସମାଜାନୁଭୂତିରେ ସ୍ୱାଦୁ ଆଚାର
ଅନେକ ଆଶା ବାନ୍ଧି ରଖି କର୍ମଠତାରେ
ଜୀବନ୍ତ ଏଠି ଘଡିକର ମୋହ ସଂସାର।

ନିବିଡ ତମିସ୍ରାର ପ୍ରତୀକ୍ଷାରେ ଥାଏ
କିଛି ସୃଜନ ସ୍ୱପ୍ନ ତହିଁରେ
ଭାବିଥାଏ ଆଂକିବ ଅନୁରାଗେ ଚିତ୍ରଟିଏ
ଦୀର୍ଘ ମିଆଦ ଖୁସିର ଅଭିପ୍ରାୟରେ
ହେଲେ ସମୟ କ'ଣ କାହା ହାତରେ
ବୁଝୁଛି ସବୁକିଛି ବଦଳିଯାଏ ଦିନେ।

ସବୁ ଏଠି ଜଣେ ଜଣେ କଳାକାର ସ୍ରଷ୍ଟାର
ଭୋଗିବାର କାମନା ଥାଏ ସମସ୍ତଙ୍କର
ଅଭିନୟ ସାରିଦେଇ ଯିବାକୁ ପଡିବ
ତୁଟେଇ ଏ ପାରିର ଚକ୍ରବ୍ୟୂହ ଆସର।


ଭୁବନେଶ୍ୱର
ମୋ : ୯୪୩୯୨୧୧୯୭୧


## ଜନନୀ

**ସୁନନ୍ଦା ମହାନ୍ତି**

ମାଆ ମାଟି ପଡି ଉଠି
ଶିଖାଏ ଧନ ନଯିବୁ ଲୋଟି
ଯୋଉଠି ଥାଆ ଡାକୁଥା ମାଆ
ଦେଖି ଆସୁଥା ମାଆ ମୁହଁ
ଯନ୍ତ୍ରଣା ଢ଼ୋକି ଓଢଣା ଢାଙ୍କି
କୋଉଠି ରଖିଛୁ କସ୍ତୁରୀ
ଦେ ଉତ୍ତର ସନ୍ତାନ ପଚାରି
ମାଆ ମୋହର କହ
କେମିତି ଜିଇଁଛୁ ଜୀବନ ତୋହର
ଦୁଃଖକୁ ଚାପି ଛାତିକୁ ମାପି
ଯେତେ ପଥର ଲଦି ଦିଅ
କୋଉଠି ଲୁଚାଇ ରଖିଛୁ ମୋହ
ମାଆ ମୋର ଥରେ କହ
କଥା ଶିଖାଇ ଭାବ ବଢେଇ
ମାତୃଭାଷାକୁ ଜନନୀ କହି
କସ୍ତୁରୀ ଥାଇ କେତେ ତୋ ଠେଇ
ମାପିଛି କିଏ ମୋହ କହ
ଛାତି ଉଷ୍ମତା ହୃଦେ ମାୟା ସାଇତା
ସବୁତ ସନ୍ତାନ ପାଇଁ
ଲୋରି ଶୁଣାଇ ପ୍ରକୃତିରୁ ଦେଖାଇ
ପ୍ରଥମ ଶିକ୍ଷୟିତ୍ରୀ ମାଆ ତୁହି
ତୋ ପଣତ ତଳେ ଅମୃତ ଢାଳେ
ସ୍ନେହ ସରାଗ ଢ଼ଳେ ଆହା
ମାଆ ତୁ ଅଟୁ ମାଆ
ନିଜ ନାଭିରେ କସ୍ତୁରୀ ରଖି
ମୃଗ କହଇ ସେ ନିରିମାଖି
ମାଆ ଆମ ସେମିତି ଜମା ନୁହଁ
ହୃଦେ ସାଇତା ମମତା ସଳିତା
କେତେ ଗପ ଗୀତରେ ଦିଅଇ ଶିକ୍ଷା



ଲୁଚାଇ ନିଜ ଆଖି ତଳ ଲୁହ
ମାଆ ପରି କେ କୁହ
ଆସୁ ବତାସ ନୋହି ହତାସ
ତା କୋଳେ ଶୋଇଯାଅ
ଯେତେ ହୁଅ ବି ବଡ଼ ଅବା ରାଇଜ ଗଡ଼
ମାଆ ପାଖେ କେବଳ ପରିଚୟ
ତା ସୁନା ପୁଅ ଓ ସୁନା ଝିଅ
ହେଉ ସେ ମାତୃଭୂମି ଅବା ମାତୃଭାଷା
କରଇ ଆହା ହୁଅଇ ସାହା
ମାଆ ମାଟିର ମୋହ
ବୁଝିଛି ଯିଏ ଯୁଝିଛି ସିଏ
କହି ମାଆ ପରି କେ କୁହ
ମାଆ ମୋହରି ସରଗ ପରୀ
ବନ୍ୟ ହରିଣୀ ନାଭିରେ ରଖି କସ୍ତୁରୀ
ପିଉଛି ଯିଏ ଲୁହ ଦେଇ ମାୟା ମୋହ
ଲୁଚାଇ ନିଜ କୋହ
ନାହିଁ ଯାହାର ଅଭିଯୋଗ କି ଅଭିମାନ
ତା ଠାରୁ ବଡ଼ ଆଉ କେ କହ


ସାକ୍ଷୀଗୋପାଳ
ପୁରୀ
ଫୋ : ୯୦୪୦୯୭୭୩୨୭

# ଉତ୍କଳ ଦୀପିକା

ଭୁବନେଶ୍ୱର, ୨୭ମାର୍ଚ୍ଚ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27


## ୭୦୦୧ ଟଙ୍କାରେ ନିଲାମ ହେଲା ମରିଚି କୁଣ୍ଡ ପାଣି

**ଭୁବନେଶ୍ୱର, ୨୬/୦୩**
**ନ୍ୟୁଜ ବ୍ୟୁରୋ**

ନିଲାମ ହୋଇଛି ମରିଚି କୁଣ୍ଡ ପାଣି। ୭୦୦୧ ଟଙ୍କାରେ ନିଲାମ ହୋଇଛି ପାଣି। ଆଉ ଏହି ପାଣିକୁ କିଣିଛନ୍ତି ବରମୁଣ୍ଡା ହାଉସିଂ ବୋର୍ଡର ଜିତେନ୍ଦ୍ର ବିଶ୍ୱାଳ। ଜିତେନ୍ଦ୍ର ନେଲେ ପ୍ରଥମ ନିଲାମ । ବିଶ୍ୱାସ ରହିଛି ଏହି ପାଣିରେ ଗାଧୋଇଲେ ଅପୁତ୍ରିକ ପୁତ୍ର ସନ୍ତାନ ଲାଭ କରନ୍ତି । ପୂର୍ବରୁ ୧ ଲକ୍ଷରୁ ୨ ଲକ୍ଷ ପର୍ଯ୍ୟନ୍ତ ପାଣି ନିଲାମ ହେଉଥିଲା ବେଳେ ଗତ ଦୁଇ ବର୍ଷ ହେବ ନିଲାମ ଧାରୀଙ୍କ ସଂଖ୍ୟା କମିଥିବାରୁ ଗତବର୍ଷ ୧୧ ହଜାର ପାଣି ନିଲାମ ଘୋଷଣା କରାଯାଇଥିଲା ବେଳେ ଏଥର ମାତ୍ର ୭୦୦୧ ଟଙ୍କାରେ ପ୍ରଥମ ନିଲାମ ଘୋଷଣା କରାଯାଇଥିଲା। ବଂଶରକ୍ଷା ନିମନ୍ତେ ପୁତ୍ର ସନ୍ତାନଟିଏ ସମସ୍ତଙ୍କର ଲୋଡ଼ା। ତେବେ ଏଥିରୁ ବଞ୍ଚିତ ହେଉଥିବା ଦମ୍ପତିମାନେ ନାନା ଓଷା, ବ୍ରତ, ଉପବାସ ଆଉ ମାନସିକ ରଖିଥାନ୍ତି। ଅନେକ କ୍ଷେତ୍ରରେ ସେମାନେ ନିଷ୍ଠାର ସହ ଈଶ୍ୱରଙ୍କ



ପୂଜା କରି ସଫଳ ହୋଇଥାନ୍ତି । ସେହିପରି ଏକାମ୍ର କ୍ଷେତ୍ରର ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ମରିଚି କୁଣ୍ଡର ପାଣିକୁ ଗାଧୋଇବା ପରେ ପୁତ୍ରସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏଥିପାଇଁ ବହୁ ନିଃସନ୍ତାନ ଦମ୍ପତି ସନ୍ତାନ ଆଶାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ମରିଚ କୁଣ୍ଡ ପାଣି ନିଲାମ ନେବାକୁ ଜମା ହୋଇଥିଲେ । ତେବେ ରାତି ୨ଟା ପର୍ଯ୍ୟନ୍ତ ପ୍ରଥମ କଳସ ପାଣି ନିଲାମ ହୋଇପାରିନଥିଲା। ଶ୍ରଦ୍ଧାଳୁ ମହିଳାମାନେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କଠାରେ ନଡ଼ିଆ, ଗୁଆ, ଧୂପ ଓ ଚାଉଳ ସଂକଳ୍ପ କରାଇ ବର୍ଷକ ଲାଗି ଆଜ୍ଞା ପ୍ରସାଦ ପାଇ ମରିଚି କୁଣ୍ଡ ପାଣି ନିଲାମରେ ଅଂଶ ଗ୍ରହଣ କରିଥିଲେ। ଚୈତ୍ର ଶୁକ୍ଳ ସପ୍ତମୀ ତିଥିରେ ରୁକୁଣା ରଥ ପ୍ରତିଷ୍ଠା ଲାଗି ଏଠାରୁ ପ୍ରଥମ କଳସ ପାଣି ଯାଇଥିଲା। ଏହା ପରେ ବଡୁ ନିଯୋଗ ତରଫରୁ ଆୟୋଜିତ ନିଲାମରେ ପ୍ରଥମ କଳସ, ଦ୍ୱିତୀୟ କଳସ ଏହିପରି ସମସ୍ତ ଦମ୍ପତି ନିଲାମର କ୍ରମ ଦର ଅନୁସାରେ ପାଣି କଳସ ସଂଗ୍ରହ ପାଇଁ ଅପେକ୍ଷା କରିଥିଲେ । ପ୍ରଥମ କଳସ ପାଣି ପାଇଁ ୧୫ ହଜାର ଡାକ ହୋଇଥିଲା । ତେବେ ଏହାକୁ କେହି ନେବାକୁ ରାଜି ହୋଇ ନ ଥିଲେ । ରାତି ୧ ଟା ବେଳେ ଏହା ୧୧ ହଜାର ଟଙ୍କାକୁ ଖସିଥିଲା । ରାତି ୨ଟା ବାଜିଲା ତଥାପି କେହି ନିଲାମ ନେବାକୁ ଡାକି ନ ଥିଲେ। ସେହି ଜଳରେ ସେମାନେ ବିଧି ମତେ ଗାଧୋଇଥାନ୍ତି ବୋଲି ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ ସୂଚନା ଦେଇଛନ୍ତି। ନିଲାମ ପ୍ରକ୍ରିୟାରେ ସହଯୋଗ କରିଥିଲେ ଶିବ ସେନାପତି। ଏହି ସ୍ଥାନରେ ଗାଧୋଇବା ଲାଗି ବିଏମସି ତରଫରୁ ଅସ୍ଥାୟୀ ଗାଧୁଆ ଘରନିର୍ମାଣ କରାଯାଇଥିଲା। ସୁରକ୍ଷା ପାଇଁ ମଧ୍ୟ ଆବଶ୍ୟକ ପୁଲିସ ମୁତୟନ କରାଯାଇଥିଲା।



ଭୁବନେଶ୍ୱର : ଆଜି ଶ୍ରୀରାମ ନବମୀ : ରଙ୍ଗୀନ ଆଲୋକ ମାଳାରେ ସଜେଇ ହୋଇଛି ରାମ ମନ୍ଦିର।

## ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ କୌଣସି ଉଦ୍ୟମ ବରଦାସ୍ତ କରାଯିବନି : ସିଜେଆଇ

**ନୂଆଦିଲ୍ଲୀ ୨୬।୩**

ମେଡିକାଲ ଆଡମିସନ ସମ୍ପର୍କିତ ଏକ ମାମଲାରେ ସୁପ୍ରିମକୋର୍ଟରୁ ମନମୁତାବକ ରାୟ ନ ମିଳିବାରୁ ଆବେଦନକାରୀଙ୍କ ପିତା ଚିଫ୍ ଜଷ୍ଟିସ୍ (ସିଜେଆଇ)ଙ୍କ ଭାଇଙ୍କୁ ଫୋନ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି କୋର୍ଟଙ୍କ ଆଦେଶକୁ ନେଇ ନିଜର ଅସନ୍ତୋଷ ମଧ୍ୟ ସିଜେଆଇଙ୍କ ଭାଇଙ୍କ ନିକଟରେ ପ୍ରକାଶ କରିଥିଲେ। ସିଜେଆଇ ସୂର୍ଯ୍ୟକାନ୍ତ ଯେବେ ଏ କଥା ଜାଣିଲେ କୋର୍ଟରେ ଖୋଲାଖୋଲି କଡ଼ା ଶବ୍ଦରେ ନିଜ ଅସନ୍ତୋଷ ପ୍ରକାଶ କରିଛନ୍ତି।

ମାମଲା ଯେବେ ଶୁଣାଣି ନିମନ୍ତେ ଆସିଲା ସିଜେଆଇ ଆବେଦନକାରୀଙ୍କ ଓକିଲଙ୍କୁ କହିଲେ ଆପଣ ଜାଣନ୍ତିକି ଆପଣଙ୍କ ମହକିଲଙ୍କ ପିତା କ'ଣ କରିଛନ୍ତି ? ନା କୋର୍ଟରେ ଆମକୁ ଜଣାଇବାକୁ ପଡିବ ସେ ମୋ ଭାଇଙ୍କୁ ଫୋନ କରି କହିଛନ୍ତି ମୁଁ କିପରି ଏହି ଆଦେଶ ପାସ୍ କଲି କ'ଣ ସେ ନିର୍ଦ୍ଧାରଣ କରିବେ ମୁଁ କିପରି ଆଦେଶ ଦେବି ତାଙ୍କ ବିରୋଧରେ ଅବମାନନାର ମାମଲା କାହିଁକି



ଚଳାଯିବନି ? ଆପଣ ପ୍ରଥମେ ଏହା ପୁଷ୍ଟି କରନ୍ତୁ ଓ ଯଦି ଆପଣଙ୍କ ମହକିଲ ଖରାପ ଆଚରଣ କରୁଛନ୍ତି ଆପଣ ଓକିଲ ହୋଇଥିବାରୁ ପ୍ରଥମେ ତାଙ୍କ ମାମଲାରୁ ଆପଣଙ୍କୁ ପୃଥକ କରି ନିଅନ୍ତୁ। ଏହା ପରେ ଆବେଦନକାରୀଙ୍କ ଓକିଲ କୋର୍ଟଙ୍କୁ କହିଥିଲେ ଯେ ମୋତେ ଏହି ଘଟଣା ସମ୍ପର୍କରେ କିଛି ଜଣା ନାହିଁ ଓ ଏଥି ପାଇଁ କୋର୍ଟଙ୍କୁ କ୍ଷମା ଯାଚନା କରୁଛି। ଏଥିରେ ଖଣ୍ଡପୀଠ କହିଛନ୍ତି ଯେ ଯଦି ମହକିଲ ଭୁଲ ଆଚରଣ କରୁଛନ୍ତି ତେବେ ଓକିଲ ପ୍ରଥମେ ତଥ୍ୟ ଯାଞ୍ଚ କରନ୍ତୁ ଓ ଆବଶ୍ୟକତା ପଡିଲେ ମାମଲାରୁ ନିଜକୁ ପୃଥକ କରି ନିଅନ୍ତୁ। କୋର୍ଟ ଏହା ବି ସଂକେତ ଦେଇଛନ୍ତି ଯେ ହରିୟାଣାର ଅଧିକାରୀଙ୍କୁ ମଧ୍ୟ ପ୍ରଭାବିତ କରିବାକୁ ଉଦ୍ୟମ କରାଯାଇଛି।

ଏହି ମାମଲା ଦୁଇ ସାଧାରଣ ବର୍ଗର ଅଭ୍ୟାର୍ଥୀଙ୍କ ଆବେଦନ ସମ୍ପର୍କିତ। ଏମାନେ ଉତ୍ତରପ୍ରଦେଶ ସୁଭାରତୀ ମେଡିକାଲ କଲେଜରେ ପିଜି ମେଡିକାଲ କୋର୍ସରେ ବୌଧ ସଂଖ୍ୟାଲଘୁ କୋଟାରେ ଆଡମିସନ ଦେବାକୁ ଦାବି କରିଛନ୍ତି। ଏହି ସଂସ୍ଥା ବୌଧ ସଂଖ୍ୟାଲଘୁ ଶିକ୍ଷଣ ସଂସ୍ଥା ଭାବେ ଘୋଷିତ।

ଆବେଦନକାରୀ ଦାବି କରିଛନ୍ତି ଯେ ସେ ବୌଧ ଧର୍ମ ଅବଲମ୍ବନ କରୁଛନ୍ତି ଓ ଏ ବାବଦରେ ଉପମଣ୍ଡଳ ଅଧିକାରୀଙ୍କ ଦ୍ୱାରା ଜାରି ପ୍ରମାଣପତ୍ର ମଧ୍ୟ ଉପସ୍ଥାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଜାନୁଆରୀରେ ଶୁଣାଣି କାଳରେ ସୁପ୍ରିମକୋର୍ଟ ଧର୍ମ ପରିବର୍ତ୍ତନର ମାନସିକତାକୁ ନେଇ ସନ୍ଦେହ କରିଥିଲେ। କହିଥିଲେ ଏହା ସଂଖ୍ୟା ଲଘୁଙ୍କ କୋଟାର ଲାଭ ନେବାକୁ ଉଦ୍ୟମ ଭଳି ଲାଗୁଛି।

ସିଜେଆଇ ପୂର୍ବ ଶୁଣାଣିରେ କହିଥିଲେ ଯେ ଉଭୟ ଆବେଦନକାରୀ 'ପୁନିୟା' ଜାତିର ଓ ଅଚାନକ ଧର୍ମ ପରିବର୍ତ୍ତନ କରି ସଂଖ୍ୟାଲଘୁ କୋଟାର ଲାଭ ନେବା ସନ୍ଦିଗ୍ଧ ଲାଗୁଛି। ଏଣୁ କୋର୍ଟ ସେମାନଙ୍କ ସଂଖ୍ୟାଲଘୁ ପ୍ରମାଣପତ୍ର ଯାଞ୍ଚ ପାଇଁ ଆଦେଶ ଦେଇଥିଲେ। ଆଜିର ଶୁଣାଣି କାଳରେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ କୌଣସି ବି ଉଦ୍ୟମ ବରଦାସ୍ତ କରାଯିବ ନାହିଁ ଓ ମାମଲାର ଶୁଣାଣି ଆଗକୁ ବି ଜାରି ରହିବ।

### ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଖାଲି ପଦ ପୂରଣ ମାମଲା

## ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୬/୦୩**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ପଦ ପୂରଣ ପାଇଁ ରୁଜୁ ମାମଲାରେ ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ହୋଇଥିବା ଏହି ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି ହୋଇଥିଲା। ସରକାରୀ ଓକିଲ ଦର୍ଶାଇଥିଲେ ଯେ, ଉକ୍ତ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ବିଷୟ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି ଏବଂ କୁଳପତି ନିଯୁକ୍ତି ହେଲା ପରେ ତୁରନ୍ତ ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ। ଏତେ ସମୟ ଧରି ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅଧ୍ୟାପକ ନିଯୁକ୍ତି କରାଯାଇ ନ ଥିବାରୁ ଚିନ୍ତାପ୍ରକଟ କରିବା ସହିତ



ଖଣ୍ଡପୀଠ ଏହି ମାମଲାରେ ଦୁଇସପ୍ତାହ ମଧ୍ୟରେ ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨କୁ ଧାର୍ଯ୍ୟ କରାଯାଇଛି । ଆବେଦନକାରୀ ଆଇନଜୀବୀ ଶ୍ରୀ ଦାସ ଦର୍ଶାଇଛନ୍ତି ଯେ ବିଶ୍ୱବିଦ୍ୟାଳୟର ପ୍ରଥମ ଶିକ୍ଷା ବର୍ଷ ୨୦୨୩ ସେପ୍ଟେମ୍ବର ୫ରୁ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ, ଭାଷା ବିଜ୍ଞାନ, ଇତିହାସ ଓ ସଂସ୍କୃତି ସମ୍ବନ୍ଧୀୟ ଗବେଷଣା, ଅଧ୍ୟୟନ ଏବଂ ଜ୍ଞାନର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଥିବା କୁହାଯାଇଥିଲା। କିନ୍ତୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନରୁ ଏପର୍ଯ୍ୟନ୍ତ ମଞ୍ଜୁରୀପ୍ରାପ୍ତ ୩ଟି ପ୍ରଫେସର, ୬ଟି ସହଯୋଗୀ ପ୍ରଫେସର ଓ ୧୨ଟି ସହକାରୀ ପ୍ରଫେସର ପଦ ପୂରଣ କରାଯାଇ ନାହିଁ। ଅତିଥି ଶିକ୍ଷକ ଓ ଅବସରପ୍ରାପ୍ତ ପ୍ରଫେସରଙ୍କ ହାତରେ ଶିକ୍ଷାଦାନ ଦାୟିତ୍ୱ ରହିଛି। ଏହାଦ୍ୱାରା ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନର ମାନ ପ୍ରଭାବିତ ହେଉଛି। ବିଭିନ୍ନ ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଉଥିବା ଛାତ୍ରଛାତ୍ରୀ ଯେଉଁ ଆଶା ନେଇ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଆସୁଛନ୍ତି ତାହା ପୂରଣ ହେଉ ନାହିଁ। ୨୦୨୫ ମାର୍ଚ୍ଚ ୧୮ରେ ଆବେଦନକାରୀଙ୍କ ତରଫରୁ ଏହି ସବୁ ପଦ ପୂରଣ ପ୍ରସଙ୍ଗ ନେଇ କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆବେଦନକାରୀଙ୍କ ସ୍ମାରକପତ୍ରକୁ କୁଳାଧିପତିଙ୍କ କାର୍ଯ୍ୟାଳୟ ତରଫରୁ ଉଚ୍ଚଶିକ୍ଷା ବିଭାଗକୁ ପଠାଯିବା ସହିତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା; କିନ୍ତୁ ଏହାପରେ ମଧ୍ୟ ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ବିଶ୍ୱବିଦ୍ୟାଳୟ ବା ଉଚ୍ଚଶିକ୍ଷା ବିଭାଗ ତରଫରୁ ଗ୍ରହଣ କରାଯାଇ ନାହିଁ। ନିର୍ଦ୍ଧାରିତ ସମୟସୀମା ଭିତରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ପଦ ପୂରଣ କରିବାକୁ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।

### ଭିଜିଲାନ୍ସ ଜାଲରେ ଏସ୍‌ଡିଓ

## ଘରୁ ମିଳିଲା ୧୮ ଲକ୍ଷରୁ ଅଧିକ କ୍ୟାସ୍ : ୫ ଦାମୀ ପ୍ଲଟ୍ ଠାବ

**ଭୁବନେଶ୍ୱର, ୨୬/୦୩**
**ନ୍ୟୁଜ ବ୍ୟୁରୋ**

ଭଞ୍ଜନଗର ଡହ ଜଳସେଚନ ଉପଖଣ୍ଡ ଏସଡିଓଙ୍କ ଘରେ ଭିଜିଲାନ୍ସ ରେଡ୍ କରିଛି। ଏସଡିଓ ପଞ୍ଚୁ ବେହେରାଙ୍କ ଘରୁ ମିଳିଲା ନଗଦ ୧୮ ଲକ୍ଷ ୯୦ ହଜାର କ୍ୟାସ୍। ଏହି ସରକାରୀ ବାବୁଙ୍କ ୫ ଦାମୀ ପ୍ଲଟ୍ ଠାବ ହୋଇଛି। ଠୁଳ କରିଥିଲେ ଆୟଠୁ ଅଧିକା ସମ୍ପତ୍ତି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଞ୍ଜନଗର ଡହ ଜଳସେଚନ ଉପଖଣ୍ଡ ଏସଡିଓ ପଞ୍ଚୁ ବେହେରାଙ୍କ ଘରେ ଭିଜିଲାନ୍ସ ରେଡ୍ କରିଥିଲା। ଚଢଉ ବେଳେ ପଞ୍ଚୁ ବେହେରାଙ୍କ ଘରୁ ନଗଦ ୧୮ ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଛି। ଏହା ସହ ୫ଟି ଦାମୀ ପ୍ଲଟ ଠାବ ହୋଇଛି। ଭିଜିଲାନ୍ସର ଚଢଉ ଜାରି ରହିଥିବା ସୂଚନା ମିଳିଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୬/୦୩/୨୦୨୬
୪,୦୭,୫୬୮/- ଟଙ୍କା
ସୁନା:-୦୭ଗ୍ରାମ୍୧୦୦ ମିଲିଗ୍ରାମ
ରୂପା:-୧୭୫ଗ୍ରାମ୍୧୦୦ ମିଲିଗ୍ରାମ

## ଆଜି ଶ୍ରୀମନ୍ଦିରରେ ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ,୨୬।୩ ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ଚୈତ୍ର: ଶୁକ୍ଳ ଶ୍ରୀରାମ ନବମୀ ତିଥିରେ ଶ୍ରୀମନ୍ଦିରରେ 'ଶ୍ରୀରାମ ଜନ୍ମ' ନୀତି ଅନୁଷ୍ଠିତ ହେବ। ଏଣୁ ମଧ୍ୟାହ୍ନଧୂପ ଭୋଗ ଉଠିବା ପରେ ଶ୍ରୀରାମଜନ୍ମ ନୀତି ଶେଷ ହେବା ପର୍ଯ୍ୟନ୍ତ ଆପାତତଃ ଅପରାହ୍ନ ଘ.୫.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

## ରାମନବମୀ ଶୋଭାଯାତ୍ରା ପାଇଁ କଟକରେ ଟ୍ରାଫିକ୍ କଟକଣା

**କଟକ, ୨୬/୦୩**
**ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ରାମନବମୀ ଅବସରରେ କଟକରେ ଏକ ବଡ଼ ଶୋଭାଯାତ୍ରାର ଆୟୋଜନ କରାଯାଉଛି। ଏଥିରେ ସହସ୍ରାଧିକ ଶ୍ରଦ୍ଧାଳୁ ଓ ରାମଭକ୍ତ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-କଟକ ପୁଲିସ କମିସନରେଟ୍ ପକ୍ଷରୁ ଟ୍ରାଫିକ୍ କଟକଣା ଜାରି କରାଯାଇଛି।

ଗୁରୁବାର କମିସନରେଟ୍ ପୁଲିସ ପକ୍ଷରୁ ଜାରି ନିୟମାବଳୀ ଅନୁସାରେ, ଅପରାହ୍ନ ୨ଟାରୁ ରାତି ୧୦ଟା ଯାଏଁ ଏହି ପ୍ରତିବନ୍ଧକ ବଳବତ୍ତର ରହିବ। ଜାରି ଟ୍ରାଫିକ୍ କଟକଣା ଅନୁସାରେ ଚୌଧୁରୀ ବଜାର ଛକ ଦେଇ ସେଲଟର ଛକ ଆଡ଼କୁ ପଦଯାତ୍ରା ଯାଉଥିବା ସମୟରେ କୌଣସି ଯାନବାହାନ ନୟାସଡ଼କ, ବାଲୁବଜାର ନିମଚୌଡ଼ି, ହାଇକୋର୍ଟ ଛକ, ଚାନ୍ଦିନୀଚୌକ ଛକ, ଗୁରୁମହାନ୍ତି ଛକ, ମହାନ୍ତିପଡ଼ା ଛକ ଦେଇ ସେଲଟର ଛକ ଆଡ଼କୁ ଚଳାଚଳ କରିପାରିବେ ନାହିଁ। ଯେପରି ଡିପିଓ ଗଡ଼ା ଛକ ଠାରୁ ହାଇକୋର୍ଟ ଛକ, ମହମ୍ମଦିଆ ବଜାର ଛକ ଠାରୁ ଚାନ୍ଦିନୀଚୌକ ଛକ, ପୁଲିସ କ୍ଲବ ଗଡ଼ା ଠାରୁ ଗୁରୁ ମହନ୍ତି ଛକ, ଡଗରପଡ଼ା ଛକ ଠାରୁ ଚାନ୍ଦିନୀଚୌକ ଛକ କିମ୍ବା କାଫଲା ବଜାର, ସତୀଚୌରା ଛକ ଠାରୁ ମହାନ୍ତି ପଡ଼ା ଛକ, ସେଲଟର ଛକ ଠାରୁ ମହାନ୍ତି ପଡ଼ା ଛକ ଏବଂ କନିକା ଛକ ଠାରୁ ସେଲଟର ଛକ ମଧ୍ୟରେ କୌଣସି ଯାନବାହାନ ଚଳାଚଳକୁ ଅନୁମତି ଦିଆଯିବ ନାହିଁ। ବକ୍ସି ବଜାର ଛକରୁ ଚୌଧୁରୀ ବଜାର ଛକ ଆଡ଼କୁ ପଦଯାତ୍ରା ଯାଉଥିବା ବେଳେ କୌଣସି ଯାନବାହାନ ପଦଯାତ୍ରା ଚାଲିଥିବା ଦିଗକୁ ଚଳାଚଳ କରିପାରିବ ନାହିଁ। ଚୌଧୁରୀ ବଜାର ଛକ ଠାରୁ ମାରୁତୀ ମଣ୍ଡପ ଅଭିମୁଖେ ଶୋଭାଯାତ୍ରା ଯିବା ସମୟରେ କୌଣସି ଯାନବାହାନ ଶୋଭାଯାତ୍ରା ଆଡ଼କୁ ଯିବାକୁ ଦିଆଯିବ ନାହିଁ।

ବନ୍ଦ କରାଯାଇଥିବା ରାସ୍ତାଗୁଡ଼ିକ ହେଉଛି ବଜ୍ରକବାଟି ଛକ ଠାରୁ ବାଲୁବଜାର, ଦୋଳମୁଣ୍ଡାଇ ଛକଠାରୁ ହାଇକୋର୍ଟ, କେମ୍ବ୍ରିଜ୍ ସ୍କୁଲ ଠାରୁ ଡଗରପଡ଼ା, ଓପିଏ ଅଫିସ୍ ଛକ ଠାରୁ ସେଲଟର ଛକ, ବରପଥର ୱାଇ ଜଙ୍କସନ୍ ଠାରୁ ଚଣ୍ଡୀଛକ, ଶେଖ ବଜାର ରାସ୍ତାରେ ଚଣ୍ଡୀମନ୍ଦିର ପାଖରେ ଥିବା ବିଜୁ ପଟ୍ଟନାୟକ କଲୋନୀ ଛକ ଠାରୁ ଚଣ୍ଡୀଛକ, ଜିପିଓ ଛକ ଠାରୁ ବକ୍ସିବଜାର ଛକ, ମେରିଆ ବଜାର ଠାରୁ ବରପଥର, ପଟ୍ଟାପୋଲ ଛକ ଠାରୁ ବରପଥର, ତିନିକୋଣିଆ ଛକ ଠାରୁ ହାତୀପୋଖରୀ, ଗଙ୍ଗାମନ୍ଦିର ଛକ ଠାରୁ ଜିଏସ୍ ପାର୍କ। ତେବେ ଏହି କଟକଣା, ପୁଲିସ, ଅଗ୍ନିଶମ, ଆମ୍ବୁଲାନ୍ସ ଆଦି ଜରୁରୀକାଳୀନ ସେବା ନିମନ୍ତେ ଲାଗୁ ହେବନାହିଁ ବୋଲି ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

### ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଲା ବୋର୍ଡ

## ଜନଗଣନା ପ୍ରଶିକ୍ଷଣ ପାଇଁ ପ୍ରଭାବିତ ହୋଇପାରେ ମାଟ୍ରିକ ଖାତାଦେଖା

**କଟକ, ୨୬/୦୩**
**ନ୍ୟୁଜ ବ୍ୟୁରୋ**

ଜନଗଣନାରେ ନିୟୋଜିତ ଶିକ୍ଷକଙ୍କୁ ପ୍ରତି ଜିଲ୍ଲାରେ ପ୍ରଶିକ୍ଷଣ ଦିଆଯାଉଛି। ଏଥିପାଇଁ ମାଟ୍ରିକ ପରୀକ୍ଷା ଖାତାଦେଖା ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ଦେଖା ଦେଇଛି। ସମ୍ପୃକ୍ତ ଶିକ୍ଷକମାନେ ଖାତା ଦେଖା ଅଧାରୁ ଛାଡ଼ି ଜନଗଣନା ପ୍ରଶିକ୍ଷଣ ନେବାକୁ ଯାଇପାରନ୍ତି ବୋଲି ଜଣାପଡ଼ିଛି। ଯେଉଁଥିପାଇଁ ୩୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚିଠି କରାଯାଇଛି। ସମ୍ପୃକ୍ତ ଶିକ୍ଷକଙ୍କ ପ୍ରଶିକ୍ଷଣ ଶେଷ ପର୍ଯ୍ୟାୟରେ ରଖିବା ନିମନ୍ତେ ପଦକ୍ଷେପ ନେବାକୁ ବୋର୍ଡ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି। ମାର୍ଚ୍ଚ ୧୯ରୁ ମାଟ୍ରିକ ପରୀକ୍ଷା ଉତ୍ତରଖାତା ମୂଲ୍ୟାୟନ ଆରମ୍ଭ ହୋଇଛି। ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ୧୫ ହଜାର ଶିକ୍ଷକ ଖାତା ଦେଖୁଛନ୍ତି। ପ୍ରାୟ ୭ ଦିନ ଧରି ପ୍ରକ୍ରିୟା ଚାଲିଥିବାବେଳେ ଏପ୍ରିଲ ୨




ତାରିଖରେ ଖାତାଦେଖା ସରିବ । କିନ୍ତୁ ଏବେ ଏହା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। କାରଣ ରାଜ୍ୟରେ ଆଗାମୀ ଜନଗଣନା ନିମନ୍ତେ ଜିଲ୍ଲାସ୍ତରରେ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଖାତା ଦେଖାରେ ନିୟୋଜିତ ହୋଇଥିବା ବହୁ ବରିଷ୍ଠ ଶିକ୍ଷକଙ୍କ ନାମ ଜନଗଣନାକାରୀ ତାଲିକାରେ ରହିଛି। ତେଣୁ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଯାହା ଫଳରେ ସେମାନେ ଖାତା ଦେଖା ଅଧାରୁ ଛାଡ଼ି ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟରେ ସାମିଲ ହୋଇପାରନ୍ତି। ଏହାକୁ ଦୃଷ୍ଟିରେ ରଖି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ଯଦି ସମ୍ପୃକ୍ତ ଶିକ୍ଷକ ଖାତା ଦେଖା ଅଧାରୁ ଯାଆନ୍ତି ତାହାଲେ ନିର୍ଦ୍ଧାରିତ ମେ' ଦ୍ୱିତୀୟ ସପ୍ତାହ ସୁଦ୍ଧା ଫଳ ପ୍ରକାଶ ପାଇପାରିବ ନାହିଁ। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେବେ। ସେମାନଙ୍କ ଫଳ ଠିକ୍ ସମୟରେ ପ୍ରକାଶ ନ ପାଇଲେ ସେମାନେ ନାମ ଲେଖାଇବାରେ ସମସ୍ୟା ଭୋଗିବେ। ତେଣୁ ଏପ୍ରିଲ ୨ ପରେ ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବାକୁ ସଭାପତି ଶ୍ରୀ ତରାଇ ସବୁ ଜିଲ୍ଲାପାଳଙ୍କୁ ଚିଠି ଦ୍ୱାରା ନିବେଦନ କରିଥିବା ଜଣାପଡ଼ିଛି।





### ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


### ଏସ୍‌ସିବି ଟ୍ରମା କେୟାରରେ ଅଗ୍ନିକାଣ୍ଡ ପରଠୁ ଚିକିତ୍ସା ବାଟବଣା

## ଓଟିରେ ଝୁଲୁଛି ତାଲା : ଚିକିତ୍ସା ନ ପାଇ ଫେରୁଛନ୍ତି ରୋଗୀ

**କଟକ,୨୬/୦୩**
**ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ମେଡିକାଲ୍ ଟ୍ରମା କେୟାର୍ ସେଣ୍ଟରରେ ଅଗ୍ନିକାଣ୍ଡ ପରଠୁ ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ବ୍ୟବସ୍ଥା ବାଟବଣା ହୋଇଛି । ନିଆଁ ଲାଗିବାର ୧୦ ଦିନ ପରେ ମଧ୍ୟ ଟ୍ରମା ସେଣ୍ଟରେ ବ୍ୟବସ୍ଥାରେ ସୁଧାର ଆସିପାରୁ ନାହିଁ । ଅଙ୍ଗାର ଗଦାରେ ଆଇସିୟୁ ପୋତି ହୋଇପଡ଼ିଥିବା ବେଳେ ଏହାର ସମ୍ମୁଖରେ ଥିବା ଓଟି (ଅପରେସନ୍ ଥିଏଟର) ଗତ ୧୫ ତାରିଖ ବିଳମ୍ବିତ ରାତିରୁ ଅନ୍ଧାରରେ ରହିଛି । ଓଟି ଅଗ୍ନିକାଣ୍ଡରେ ସେପରି ପ୍ରଭାବିତ ହୋଇନଥିଲେ ମଧ୍ୟ ସେଠି ତାଲା ପଡ଼ିଛି । ଫଳରେ ଗୁରୁତର ଦୁର୍ଘଟଣାଗ୍ରସ୍ତଙ୍କର ଜରୁରିକାଳୀନ ଅପରେସନ୍ ହୋଇପାରୁନାହିଁ ଯାହାକି ଚିନ୍ତାଜନକ ହୋଇଛି । ଉପଯୁକ୍ତ ଚିକିତ୍ସାର ଅଭାବ ଏବଂ ଗୁରୁତରଙ୍କୁ ଆଇସିୟୁ ମିଳୁ ନଥିବାରୁ ପ୍ରତିଦିନ ଟ୍ରମା




ସେଣ୍ଟରରେ ୪/୫ ଜଣ ଦୁର୍ଘଟଣାଗ୍ରସ୍ତ ଆଖି ବୁଜୁଛନ୍ତି ।

ଗତ ୧୦ ଦିନରେ ୪୫ ଜଣ ଦୁର୍ଘଟଣାଗ୍ରସ୍ତଙ୍କ ମୃତ୍ୟୁ ହୋଇଛି । ସେହିପରି ଚିକିତ୍ସା ଅଭାବରୁ ପ୍ରତିଦିନ ଟ୍ରମା କେୟାର୍ ସେଣ୍ଟରରୁ ପାଖାପାଖି ୧୦ ଜଣ ବାହାର ଡାକ୍ତରଖାନାକୁ ପଳାଇ ଯାଉଛନ୍ତି । ଗତ ୧୫ ତାରିଖ ବିଳମ୍ବିତ ରାତିରେ ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣା ଘଟିବା ପରଠୁ ପ୍ରଶାସନିକ ସ୍ତରରେ ଖୋଳତାଡ଼ ଚାଲିଛି । ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗରୁ ଏସ୍‌ସିବି ଯାଏ ପ୍ରଶାସନିକ ସ୍ତରରେ ବହୁ ଘଣ୍ଟାଚକଟା ଚାଲିଛି । ମାତ୍ର ଟ୍ରମା ସେଣ୍ଟ୍‌ରେ ବିଗିଡ଼ି ଯାଇଥିବା ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ବ୍ୟବସ୍ଥାରେ କିପରି ସୁଧାର ଆସିବ ଏବଂ ପୂର୍ବସ୍ଥିତି ଫେରି ଆସିବ ସେ ବାବଦରେ କାହାରି ଗୁରୁତ୍ୱ ନାହିଁ।

ଇତିମଧ୍ୟରେ ଟ୍ରମା କେୟାର୍ ସେଣ୍ଟର୍ ଇନ୍‌ଚାର୍ଜ ବଦଳିଛନ୍ତି । ଟ୍ରମା ସେଣ୍ଟ୍‌ର ପରବର୍ତ୍ତୀ ଦାୟିତ୍ୱ କିଏ ନେବେ ତାହାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି । ବିବାଦୀୟ ସ୍ଥିତିରେ ଟ୍ରମା ସେଣ୍ଟର ଇନ୍‌ଚାର୍ଜ ହେବାକୁ ଅଧିକାଂଶ ଡାକ୍ତର ପଛଘୁଞ୍ଚା ଦେଉଛନ୍ତି । ସେହିପରି ଗତ ୧୫ ତାରିଖ ବିଳମ୍ବିତ ରାତିରୁ ଟ୍ରମା କେୟାର୍ ସେଣ୍ଟର୍ ୱାର୍ଡ ନଂ. ୧,୨ ଓ ୩ରେ ଦୁର୍ଘଟଣାଗ୍ରସ୍ତ ସ୍ଥାନାନ୍ତର ହେବା ଦିନଠାରୁ ଚିକିତ୍ସା ବାଟବଣା ହୋଇଛି । ସର୍ଜରୀ, ଅର୍ଥୋପେଡିକ୍, ପ୍ଲାଷ୍ଟିକ୍ ସର୍ଜରୀ, ନ୍ୟୁରୋସର୍ଜରୀ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଲାଗି ରହିଛି।

ସେହିପରି କାର୍ଡିଓଥୋରାସିସ୍, ଇଏନ୍‌ଟି , ଚକ୍ଷୁ ଓ ଦାନ୍ତ ବିଭାଗ ଡାକ୍ତରଙ୍କୁ ଜରୁରି ସମୟରେ କାଜୁଆଲଟିରୁ ଡାକରା ହେଉଥିଲେ ହେଁ ଡାକ୍ତରଙ୍କ ଯିବା ଆସିବାରେ ତାଳମେଳ ରହୁନାହିଁ । ଫଳରେ ଦୁର୍ଘଟଣାଗ୍ରସ୍ତ ଏ ବିଭାଗରୁ ସେ ବିଭାଗ ବୁଲି ଚିକିତ୍ସିତ ହେଉଛନ୍ତି । ଟ୍ରମା ଓଟି ବନ୍ଦ ଥିବାରୁ ନ୍ୟୁରୋସର୍ଜରୀ, ଅର୍ଥୋପେଡିକ୍ ସର୍ଜରୀ ହୋଇପାରୁନାହିଁ । ଦୁର୍ଘଟଣାଗ୍ରସ୍ତ ଏ ବିଭାଗରୁ ସେ ବିଭାଗ ଓଟିକୁ ଯାଇ ଅପରେସନ୍ ହେବା ପାଇଁ ଦହଗଞ୍ଜ ହେଉଛନ୍ତି । ତୁରନ୍ତ ଚିକିତ୍ସା ନପାଇବାରୁ ଦୁର୍ଘଟଣାଗ୍ରସ୍ତଙ୍କ ମୃତ୍ୟୁହାର ବଢୁଛି । ଏ ସମ୍ପର୍କରେ ନୂଆ ଦାୟିତ୍ୱ ନେଇଥିବା ଅଧୀକ୍ଷକ ପ୍ରଫେସର୍ ଜ୍ୟୋତିଷଚନ୍ଦ୍ର ଚୌଧୁରୀ କହିଛନ୍ତି, ଟ୍ରମାରେ ଚିକିତ୍ସା ବ୍ୟବସ୍ଥାକୁ ନେଇ ଖୁବଶୀଘ୍ର ସମୀକ୍ଷା କରାଯାଇ ସମସ୍ୟାର ସମାଧାନ କରାଯିବ ।